ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.22 . No.287, Bhubaneswar Tuesday, December 31, 2019 ୨୨ତମ ବର୍ଷ ସଂଖ୍ୟା–୨୮୭ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩୧, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଆହୁରି ଥରାଇବ ଶୀତ : ନୂଆବର୍ଷରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୦।୧୨(ପି.ଏନ): ସାରା ରାଜ୍ୟରେ ଶୀତର ଲହରୀ ଜାରୀ ରହିଛି। ଆସନ୍ତାକାଲି ମଧ୍ୟ ଏଭଳି ସ୍ଥିତି ଲାଗି ରହିବ। ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ଶୀତର ସମ୍ଭାବନା ଥିବାରୁ ଏସଆରସି ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରୀ କରାଯାଇଛି। ଏହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର , ଅନୁଗୁଳ , ବଲାଙ୍ଗୀର , କଳାହାଣ୍ଡି ଓ ସୋନପୁର। ଅନ୍ୟପକ୍ଷରେ ଆସନ୍ତା ୧ ତାରିଖ ଠାରୁ ରାଜ୍ୟର କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଚଳିତ ଥର ନୂଆବର୍ଷକୁ ବର୍ଷା ଭିଜାଇବ। ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଦକ୍ଷିଣ ପୂର୍ବ ଉତରପ୍ରଦେଶ ଓ ଆଖପାଖ ଅଂଚଳରେ ଏକ ସାଇକ୍ଲୋନିକ ସର୍କୁଲେସନ୍ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଉତର ଆଭ୍ୟନ୍ତରୀଣ ଓଡିଶା , ଦକ୍ଷିଣ ଓ ଉପକୂଳ ଜିଲ୍ଲା ଗୁଡିକରେ ଶୀତର ପ୍ରକୋପ ରହିଛି। ମାଲକାନଗିରି ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁର ଜିଲ୍ଲାରେ ସର୍ବନିମ୍ନ ୫.୪ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ ବିଭାଗର ଅନୁମାନ ଅନୁଯାୟୀ ମଙ୍ଗଳବାର ଓଡିଶାରେ ପାଗ ମୁଖ୍ୟତଃ ଖୁଷିଲା ରହିଲେ ମଧ୍ୟ ଶୀତ ଜାରୀ ରହିବ। ତେବେ ବୁଧବାର ଅର୍ଥାତ୍ ନୂଆବର୍ଷ ଦିନ ନୂଆପଡା , ବରଗଡ , ଝାରସୁଗୁଡା , ସୁନ୍ଦରଗଡ , ସମ୍ବଲପୁର , ଦେବଗଡ ଓ କେନ୍ଦୁଝର ଜିଲ୍ଲାର କିଛି ଅଂଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଘଡଘଡି ହେବାର ସମ୍ଭାବନା ରହିଛି। ସେହିପରି ୨ ତାରିଖ ବେଳକୁ ଉତର ଓଡିଶାର ଅଧିକାଂଶ ସ୍ଥାନ ଓ ଦକ୍ଷିଣ ଓଡିଶାର କିଛି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବ। ଏଥିନେଇ ସୁନ୍ଦରଗଡ , ଦେବଗଡ , ଅନୁଗୁଳ , ସୋନପୁର,ବୌଦ୍ଧ , କେନ୍ଦୁଝର, ଖୋର୍ଦ୍ଧା ଓ ମୟୁରଭଂଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ୩ ତାରିଖ ବେଳକୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ହେବ। ବିଶେଷ କରି ମୟୁରଭଂଜ, କେନ୍ଦୁଝର , ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ , ନୟାଗଡ , କନ୍ଧମାଳ ଓ ଗଜପତି ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

## ଅଟୋ ଚାଳକଙ୍କ ସହ ଗଣ୍ଡଗୋଳ-୨ କୋର୍ଟ ଚାଲାଣ

ନୂଆପଡ଼ା, ୩୦।୧୨(ପି.ଏନ): ନୂଆପଡା ଜିଲ୍ଲା ଖଡିଆଳ ପୁଲିସ ଜଣେ ଅଟୋ ଚାଳକଙ୍କ ସହ ଗଣ୍ଡଗୋଳ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାମତେ ଖଡିଆଳ ସହରର ପୁଟୁପଡାର ସୁନିଲ କୁମାର ନାଇଡୁ ନିଜ ଅଟୋ ଧରି ଗତକାଳି ରାତ୍ରରେ ନିଜ ଘରକୁ ଯାଉଥିବା ବେଳେ ସହରର ନାକାପଡା ଠାରେ ଧନୁଯାତ୍ରା ଚାଲୁଥିବାରୁ ଭିଡ ରହିଥିଲା। ଏହି ସମୟରେ ପ୍ରଲେନ୍ଦୁ ଶବର ନାମକ ଯୁବକ ଦୃତ ଗତିରେ ଅଟୋ ଚଲାଉଥିବାରୁ ବାରଣ କରି ଅଟୋର ସାମନା କାଚକୁ ଭାଙ୍ଗି ଦେଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଝଗଡା ହେବା ସହ ପିଟାପିଟି ମଧ୍ୟ ହୋଇଥିଲା। ଏହି ସମୟରେ ଅଟୋଚାଳକ ସୁନିଲଙ୍କ ମାଁ ଆସିଥିଲେ। ତାଙ୍କୁ ମଧ୍ୟ ମାଡ ମରାଯାଇଥିଲା। ଏନେଇ ଅଟୋ ଚାଳାକ ସୁନିଲ ଖଡିଆଳ ଥାନାରେ ଅଭିଯୋଗ କରିଥିଲେ। ପାଲଟା ପ୍ରଲେନ୍ଦୁ ମଧ୍ୟ ଅଭିଯୋଗ କରିଥିଲା। ହେଲେ ଥାନା ପରିସର ମଧ୍ୟରେ ମଧ୍ୟ ସୁନିଲଙ୍କ ବାପାକୁ ଖଡିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର ମାଡ ମାରିଥିବା ନେଇ ମଧ୍ୟ ସୁନିଲ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ଉଭୟ ଅଟୋଚାଳକ ସୁନିଲ କୁମାର ନାଇଡୁ ଏବଂ ପ୍ରଲେନ୍ଦୁ ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ଶ୍ରୀ ମନ୍ଦିର ପାଇଁ ଲୋକାର୍ପିତ ହେଲା ଚିଠା ଆର୍କିଟେକଚରାଲ ପ୍ଲାନ



ଭୁବନେଶ୍ୱର,୩୦।୧୨(ପିଏନ):ଐତିହ୍ୟ କରିଡ଼ର ପାଇଁ ଅଧିଗ୍ରହୀତ ସମସ୍ତ ଜମି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମରେ ରେକର୍ଡ଼ କରାଯିବା ସହ ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ ସ୍ୱତ ପ୍ରବୃତ ଭାବେ ଜମି ଦାନ କରିଥିବା ବ୍ୟକ୍ତି ବିଶେଷଙ୍କ ନାମ ସମ୍ପୃକ୍ତ କରିଡ଼ରର ଫଳକରେ ସବୁଦିନ ପାଇଁ ସ୍ଥାନୀତ ରହିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆଜି ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀଙ୍କର ଅଧକ୍ଷତାରେ ଶ୍ରୀ ଜଗନ୍ନାଥ ହେରିଟେଜ କରିଡ଼ର ଚିଠା ଆର୍କିଟେଚରାଲ ପ୍ଲାନ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି । ଏହି ଚିଠା ପ୍ଲାନ ସମ୍ପର୍କରେ ଜନସାଧାରଣ ସେମାନଙ୍କର ମୂଲ୍ୟବାନ ମତକୁ ଇ ମେଲ ଜରିଆରେ ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ଶ୍ରୀ ମନ୍ଦିରର ପ୍ରଶାସନକୁ ପଠାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଓଡ଼ିଶାବାସୀଙ୍କର ଏହି ପ୍ରସ୍ତାବକୁ ତର୍ଜମା କରାଯାଇ ଚୂଡ଼ାନ୍ତ ଆର୍କିଟେଚୁରାଲ ପ୍ଲାନ ଫେବୃୟାରୀ ମାସରେ ପ୍ରକାଶିତ ହେବ । ସେ କହିଛନ୍ତି ଯେ, ଶ୍ରୀ ଜଗନ୍ନାଥ ଐତିହ୍ୟ କରିଡ଼ର ପାଇଁ ଯେଉଁ ମଠ ଓ ବ୍ୟକ୍ତିବିଶେଷମାନେ ଯେଉଁ ଜମି ଦେଇଛନ୍ତି ସେମାନଙ୍କୁ ଏଥିପାଇଁ ଧନ୍ୟବାଦ ଦେଇଛନ୍ତି । ଚଆଜି ଲୋକାର୍ପିତ ହୋଇଥିବା ଆର୍କିଟେକଚରାଲ ପ୍ଲାନରେ କେବଳ କରିଡ଼ରର ସୌନ୍ଦର୍ଯ୍ୟକରଣ ଓ ବିଭିନ୍ନ ସୁବିଧା ସୁଯୋଗର ବିକାଶ ମଧ୍ୟରେ ସୀମିତ ରହିଛି । ଶ୍ରୀ ମନ୍ଦିରର ସୁରକ୍ଷା ଏବଂ କର୍ତବ୍ୟ ସମ୍ବନ୍ଧୀୟ ନିମନ୍ତେ ଯୋଜନା ପ୍ରସ୍ତୁତି ଦାୟିତ୍ୱ ଏ ସଂକ୍ରାନ୍ତରେ ଖ୍ୟାତି ଅର୍ଜନ କରିଥିବା ବୃତିଧାରୀ ମାନଙ୍କୁ ଅର୍ପଣ କରିବା ପାଇଁ ନିଷ୍ପତି ହୋଇଛି । ମହାପ୍ରଭୁଙ୍କର ପୁରୀ ଧାମକୁ ବର୍ଷ ସାରା ଦେଶ ବିଦେଶରୁ ଆସୁଥିବା ତୀର୍ଥ ଯାତ୍ରୀ ମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା ଏବଂ ସେମାନେ ଯେପରି ପବିତ୍ର ଅନୁଭୂତି ନେଇ ଫେରିବେ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ଅତ୍ୟାଧୁନିକ ଶୃଙ୍ଖଳିତ ଧାଡି ବ୍ୟବସ୍ଥା କରାଯିବା ଏବଂ ମଝିରେ ମଝିରେ ବିଶ୍ରାମ ନେବାର ସୁବିଧା କରିବା, ଯାତ୍ରୀ ମାନଙ୍କର ପାଦ ଓ ହାତ ଧୋଇବା ନିମନ୍ତେ ଅତ୍ୟାଧୁନିକ ବ୍ୟବସ୍ଥା କରିବା ଓ ଉପଯୁକ୍ତ ଆଲୋକ, ସିସି ଟିଭି ବ୍ୟବସ୍ଥା ସହ ପିଇବା ପାଣି ଓ ଶୌଚାଳୟ ବିକାଶ କରିବା ପାଇଁ ନିଷ୍ପତି ହୋଇଛି । ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ନିରାପତା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ । ମହାପ୍ରଭୁଙ୍କର ବିଭିନ୍ନ ବେଶ, ଦଶବତାର ଏବଂ ଜଗନ୍ନାଥ ସଂସ୍କୃତିର ଅନ୍ୟାନ୍ୟ ବୈଭବ ସମ୍ପର୍କରେ ଯାତ୍ରୀ ମାନଙ୍କୁ ଅବଗତ କରାଇବା ପାଇଁ ସ୍ଥିର ହୋଇଛି । ମୁକ୍ତାକାଶ ମଂଚରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଦର୍ଶନ କରାଯିବ । ମତାମତ ପଠାଇବା ପାଇଁ ଇ-ମେଲ - ଜଗନ୍ନାଥଡବ୍‌ଲ୍ୟୁଆର ଆଟଦିରେଟ୍ ଏନଆଇସିଡଟ୍‌ଇନ, ଲ୍ୟାଣ୍ଡ ଲାଇନ ଫୋନ - ୦୬୭୫୨-୨୫୨୯୦୦, ଫ୍ୟାକ୍ସ - ୦୬୭୩୨-୨୫୨୧୦୦ ରଖାଯାଇଛି । ଆଜିର ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବହୁ ମନ୍ତ୍ରୀ, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସେସୁ କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଜଗତସିଂହପୁର, ୩୦।୧୨ (ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଜଗତସିଂହପୁର ସେସୁର କନିଷ୍ଠ ଯନ୍ତ୍ରୀ ଦିପ୍ତୀପ୍ରକାଶ ସ୍ୱାଇଁଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ଆଜି ସକାଳେ ଦିପ୍ତୀପ୍ରକାଶଙ୍କ ଜଗତସିଂହପୁର ମଙ୍ଗଳା କଲୋନୀସ୍ଥିତ ବାସଭବନ, ବିସପିତଳସ୍ଥିତ ପୈତୃକ ଘର ଓ ଗାନ୍ଧୀ ଛକରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ସମେତ ୫ଟି ସ୍ଥାନରେ ଚଢ଼ଉ କରାଯାଇଛି । ଭିଜିଲାନ୍ସ ଅଧିକାରୀ ମାନେ ତାଙ୍କ ବାସଭବନରେ ବିଭିନ୍ନ କାଗଜପତ୍ର ଯାଂଚ୍ କରୁଛନ୍ତି । ଭିଜିଲାନ୍ସର ଦୁଇଟି ଟିମ୍ ଏହି ଚଢ଼ଉରେ ସାମିଲ୍ ଅଛନ୍ତି । ସଂନ୍ଧ୍ୟା ପର୍ଯ୍ୟନ୍ତ ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

## ଆସନ୍ତା ଜାନୁଆରୀରୁ ଜିଲ୍ଲା ବୁଲିବେ ସଚିବ

ଭୁବନେଶ୍ୱର,୩୦।୧୨(ପି.ଏନ): ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ଏବଂ ଲୋକ କଲ୍ୟାଣ କାର୍ଯ୍ୟକ୍ରମର କାର୍ଯ୍ୟକାରୀତାର ତଦାରଖ କରିବା ପାଇଁ ବିଭାଗୀୟ ସଚିବମାନଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱରେ ରଖାଯାଇଛି। ଏସମ୍ପର୍କରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ , ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ , ସଚିବ ଓ ସ୍ୱତନ୍ତ୍ର ସଚିବମାନଙ୍କୁ ଚିଠି ଲେଖାଯାଉଛି। ଏହି ଚିଠି ଅନୁଯାୟୀ ସଚିବମାନେ ଜାନୁଆରୀ ଠାରୁ ମାର୍ଚ୍ଚ ମାସ ମଧ୍ୟରେ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ଯାଇ ତଦାରଖ କରି ଭୁବନେଶ୍ୱର ଫେରିବାର ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଜିଲ୍ଲା ଗସ୍ତ ସମୟରେ ୧୩ ଟି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ସେଗୁଡିକ ହେଲା ମମତା ଯୋଜନା , ବିଜୁ ପକ୍କା ଘର ଓ ପ୍ରଧାମନ୍ତ୍ରୀ ଆବାସ ଯାଜନା , ବୋରୱେଲ ଓ ଉଠାଜଳସେଚନ , ମିଶନ ଶକ୍ତି , ନିରାମୟ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା , ପିଇବା ପାଣି , ଗ୍ରାମ୍ୟ ବିଦ୍ୟୁତ୍ କରଣ , ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା , ପେନସନ୍ ଯୋଜନା , ଛାତ୍ରାବାସ , ଶିଶୁ କଲ୍ୟାଣ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ମହାପାତ୍ରଙ୍କୁ ଢେଙ୍କାନାଳ ଜିଲ୍ଲାର ଦାୟିତ୍ୱରେ ରଖାଯାଇଥିବା ବେଳେ , ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା - କଳାହାଣ୍ଡି , ମୋନା ଶର୍ମା - ସମ୍ବଲପୁର , ଅନୁ ଗର୍ଗ- ରାୟଗଡା , ବିଜୟ ଅରୋରା - ଗଂଜାମ, ସୌରଭ ଗର୍ଗ- ମୟୁରଭଂଜ , ଡି.କେ ସିଂହ -କେନ୍ଦୁଝର , ଏନ ବି ଧଳ - ସୁନ୍ଦରଗଡ , ରଂଜନା ଚୋପ୍ରା - କଟକ , ସୁରେନ୍ଦ୍ର କୁମାର - ବଲାଙ୍ଗୀର , ବିଷ୍ଣୁପଦ ସେଠୀ - କେନ୍ଦ୍ରାପଡା , ହେମନ୍ତ ଶର୍ମା - ନବରଙ୍ଗପୁର , ଚିତ୍ରା ଅରୁମୁଗମ୍ - ଯାଜପୁର , ବିଶାଲ ଗଗନ - ଭଦ୍ରକ, ଏସ କେ ଲୋହାନୀ- କୋରାପୁଟ , ଶୁଭା ଶର୍ମା - ନୟାଗଡ , ବିଶାଲ କୁମାର ଦେବ -ପୁରୀ , ଭି.ଭି ଯାଦବ- ମାଲକାନଗିରି ,ଏସ.କେ ସିଂହ - ଗଜପତି ,ଭାସ୍କର ଜ୍ୟୋତି ଶର୍ମା - ଅନୁଗୁଳ , ଶାଶ୍ୱତ ମିଶ୍ର - ଖୋର୍ଦ୍ଧା , ପ୍ରମୋଦ ମେହେର୍ଦ୍ଧା - ବାଲେଶ୍ୱର , କ୍ରିଷନ କୁମାର- ସୋନପୁର , ଆର.ରଘୁ ପ୍ରସାଦ - ଦେବଗଡ , ମନୋଜ ମିଶ୍ର -ଜଗତସିଂହପୁର , ଅର୍ଚ୍ଚନା ପଟ୍ଟନାୟକ - ବୌଦ୍ଧ , ଏନ.ବି ଜୱାଲେ -ବରଗଡ , ରୂପା ମିଶ୍ର - ଝାରସୁଗୁଡା ଏବଂ ସଚିନ ଆର ଯାଦବ - ନୂଆପଡା।

## କଳରାପତରିଆ ବାଘୁଣି ବର୍ଷାର ମୃତ୍ୟୁ

ଭୁବନେଶ୍ୱର,୩୦।୧୨(ପି.ଏନ):ନନ୍ଦନ କାନନରେ ଥିବା କଳରାପତରିଆ ବାଘୁଣି ବର୍ଷାର ମୃତ୍ୟୁ ଘଟିଛି । ପେଟଜନିତ ରୋଗରେ ଶିକାର ହେବା ଫଳରେ ତାର ଏହି ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାକୁ ୧୪ ବର୍ଷ ହୋଇଥିଲା । ତାକୁ ୩ ବର୍ଷ ହୋଇଥିଲା ବେଳେ ଚନ୍ଦକା ଜଙ୍ଗଲରୁ ନନ୍ଦନ କାନନକୁ ଅଣାଯାଇଥିଲା । ନନ୍ଦନ କାନନରେ ଆଉ ୫ଟି କଳରାପତରିଆ ବାଘ ଅଛନ୍ତି ।

## ଧାମରାଇ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଲୁଟି ନେଲେ ଲକ୍ଷାଧିକ ଟଙ୍କା ଓ ସୁନା

ଭଦ୍ରକ, ୩୦।୧୨(ପି.ଏନ): ଭଦ୍ରକ ଜିଲ୍ଲା ପ୍ରସିଦ୍ଧ ମା ଧାମରାଇ ମନ୍ଦିରରେ ଥିବା ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃର୍ତ ମନ୍ଦିରର ମୁଖ୍ୟ ଦ୍ୱାରରେ ଥିବା ଚାବି କାଟି ମନ୍ଦିର ଭିତରେ ଥିବା ହୁଣ୍ଡିକୁ ଭାଙ୍ଗି ଦାନ ଅର୍ଥରେ ଆସିଥିବା ସମସ୍ତ ଟଙ୍କା ଲୁଟି ନେଇ ଯାଇଛନ୍ତି। ଆଜି ସକାଳ ସମୟରେ ମନ୍ଦିରର ସେବାୟତ ମନ୍ଦିର ସେବା କାର୍ଯ୍ୟ ଆରମ୍ଭ ପାଇଁ ଯାଇ ଏହି ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ। ମନ୍ଦିର କମିଟିର ସଂପାଦକ ପାପା ଜେନା ଏବଂ ସଂପାଦକ ସୁରେଶ ମାହୁନ୍ତ ଏ ବିଷୟରେ ଧାମରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଧାମରା ଥାନାଧିକାରୀ ଶ୍ରୀକାନ୍ତ ପତି ଏବଂ ସେକେଣ୍ଡ ଅଫିସର ନିଗମାନନ୍ଦ ମହାଳିକ ଆସି ଏହି ଚୋରୀର ତଦନ୍ତ କରିଥିଲେ। କମିଟିର ଲିଖିତ ଅଭିଯୋଗାନୁଯାୟୀ କମିଟି କର୍ତୃପକ୍ଷ ପୁଲିସକୁ ସନ୍ଧାନୀ କୁକୁର ଆଣି ଏହି ଚୋରୀର ତଦନ୍ତ କରିବା ପାଇଁ ଦାବୀ ଜଣାଇଛନ୍ତି। ବାଲେଶ୍ୱରରୁ ସନ୍ଧାନୀ କୁକୁର ଆସିବା ପର୍ଯ୍ୟନ୍ତ ମା ଧାମରାଇଙ୍କ ମନ୍ଦିର ବନ୍ଦ ରହିଥିବା ବେଳେ ମା ଧାମରାଇଙ୍କ ସମସ୍ତ ନୀତିକାନ୍ତି ସକାଳ ଠାରୁ ବନ୍ଦ ଅଛି। କମିଟିର ସଦସ୍ୟ ମନ୍ଦିର ଏବଂ ମନ୍ଦିର ପ୍ରାଙ୍ଗଣରେ ସିସିଟିଭି ଲଗାଇବାକୁ ବହୁ ଦିନ ହେବ ଦାବୀ ଜଣାଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାହିଁକି ଏହା ଲଗାଯାଇ ନାହିଁ ସେ ବିଷୟରେ ତଦନ୍ତ ହେବା ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ନକ୍ସଲ ପରିଚୟ ଦେଇ ଡ଼କାୟତି ଉଦ୍ୟମ : ଗୁଳିମାଡ଼ରେ ଯୁବକ ଗୁରୁତର

ବଲାଙ୍ଗିର, ୩୦।୧୨(ପି.ଏନ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅନ୍ତର୍ଗତ ଗଙ୍ଗାସାଗର ଗାଁରେ ନକ୍ସଲ ପରିଚୟ ଦେଇ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଆହତ ଯୁବକଙ୍କ ନାମ ନବୀନ ମେହେର । ତାଙ୍କ ବାମ ହାତରେ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରାପ୍ତ ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ଜଣେ ମୁଖାପିନ୍ଧା ଯୁବକ ଆସି ନବୀନଙ୍କ ଘରର କବାଟ ବାଡେଇ ଡାକିଥିଲା । ନବୀନ କବାଟ ଖୋଲି ଦେବାରୁ ଯୁବକ ଜଣକ ଘର ଭିତରକୁ ପଶି ଆସି ନିଜକୁ ନକ୍ସଲ ବୋଲି ପରିଚୟ ଦେବା ସହ ପିସ୍ତଲ ଦେଖାଇ ଶୀଘ୍ର ଘରର ଟଙ୍କା ବାକ୍ସର ଚାବି ଦେବାକୁ କହିଥିଲା । ହେଲେ ନବୀନ ଚାବି ଦେବାକୁ ମନା କରିବାରୁ ତାଙ୍କୁ ଗୁଳିମାଡ଼ କରି ଦୁର୍ବୃତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ସାଇପଡ଼ିଶା ଲୋକେ ଗୁରୁତର ଅବସ୍ଥାରେ ନବୀନଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ଡ଼ାକ୍ତରଖାନାରେ ଭର୍ତି କରିଥିଲେ ।



କେରଳର ଥିରୁବନ୍ତପୁରଠାରେ ଉପରାଷ୍ଟ୍ରପତି ଏମ. ଭେଙ୍କିୟା ନାଇଡୁ ସତ୍ୟସାଇ ଓରଫାନେଜ ଟ୍ରଷ୍ଟର ରୌପ୍ୟ ଜୟନ୍ତୀ ସମାରୋହରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି

## ପ୍ରସୂତୀଙ୍କ ସ୍ୱାମୀଙ୍କ ଠାରୁ ଲାଂଚ ନେବା ଘଟଣା : ଷ୍ଟାଫ୍ ନର୍ସ ଓ ସୁଇପର୍ ନିଲମ୍ବିତ

ସୁବର୍ଣ୍ଣପୁର, ୩୦।୧୨(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସବ ପାଇଁ ଆସିଥିବା ଜନୈକା ମହିଳାଙ୍କ ସ୍ୱାମୀଙ୍କ ଠାରୁ ଲାଂଚ ନେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଣେ ଷ୍ଟାଫ୍ ନର୍ସ ଓ ଜଣେ ସୁଇପର୍ କୁ ନିଲମ୍ବିତ କରିଥିବା ବେଳେ ଆଉ ଜଣେ ସୁଇପର୍ କୁ ବହିଷ୍କାର କରିଛନ୍ତି ଜିଲ୍ଲାପାଳ ମନୀଷା ବାନାର୍ଜୀ । ବୌଦ୍ଧ ଅଂଚଳର ରମେଶ ବାଘଙ୍କ ପତ୍ନୀ ପ୍ରସବ ନିମନ୍ତେ ଗତ ଶନିବାର ହସ୍ପିଟାଲକୁ ଆସିଥିଲେ । ହେଲେ ହସ୍ପିଟାଲ ଗେଟ୍ ନିକଟରେ ପ୍ରସୂତୀ ଜଣକ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ମହିଳାଙ୍କ ସ୍ୱାମୀ ହସ୍ପିଟାଲ କର୍ମଚାରୀଙ୍କୁ ଡ଼ାକି ମା ଛୁଆଙ୍କୁ ହସ୍ପିଟାଲରେ ଭର୍ତି କରାଇଥିଲେ । ପରେ ମହିଳାଙ୍କ ସ୍ୱାମୀଙ୍କୁ ଦୁଇ ଜଣ ଷ୍ଟାଫ୍ ନର୍ସ ୧୦୦୦ ଟଙ୍କା ଲାଂଚ ମାଗିଥିଲେ । ପାଖରେ ଟଙ୍କା ନଥିବାରୁ ରମେଶ ୫ ଶହ ଟଙ୍କା ଦେବା ସହ ବାକି ଟଙ୍କା ପରେ ଦେବେ ବୋଲି କହିଥିଲେ । ଏହି ସମସ୍ତ ଘଟଣା ଏକ ମୋବାଇଲ୍ କ୍ୟାମେରାରେ କଏଦ୍ ହେବାସହ ପରବର୍ତୀ ସମୟରେ ଭାଇରାଲ୍ ହୋଇଥିଲା । ଏହା ପରେ ଗତକାଲି ସୁବର୍ଣ୍ଣପୁର ଜିଲ୍ଲାପାଳ ମୁଖ୍ୟ ଚିକିତ୍ସାଳୟରେ ପହଂଚି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ଘଟଣାର ସତ୍ୟତା ଥିବା ଜାଣି ଜିଲ୍ଲାପାଳ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଜିଲ୍ଲାପାଳ ଏହି ଘଟଣାରେ ସମ୍ପୃକ୍ତ ଜଣେ ଷ୍ଟାଫ୍ ନର୍ସ ଭାଗ୍ୟବତୀ ସା ଓ ଜଣେ ସୁଇପର କୌଶଲ୍ୟା ବାଗଙ୍କୁ ନିଲମ୍ବିତ କରିଥିବା ବେଳେ ଅନ୍ୟ ଜଣେ ସୁଇପର୍ ସସ୍ମିତା ମହାରଣାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି ।

## ନୂଆବର୍ଷ ପାଇଁ ସଜେଇ ହେଉଛି ସିଂହଦ୍ୱାର, ଶ୍ରୀମନ୍ଦିରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ, ୩୦।୧୨(ପି.ଏନ): ବୁଧବାର ଦିନ ଇଂରାଜୀ ନବବର୍ଷକୁ ସ୍ୱାଗତ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଛୁଟି ଆସିବେ ଶ୍ରୀକ୍ଷେତ୍ରକୁ । ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କରି ବର୍ଷକଯାକ ଭଲରେ କଟିବା ପାଇଁ କାମନା କରିବେ । ଏଥିପାଇଁ ଶ୍ରୀକ୍ଷେତ୍ର ଏବେ ଚଳଚଂଚଳ । ଏନେଇ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ନୂଆବର୍ଷ ଦିନ ଧାଡି ଦର୍ଶନ ପାଇଁ ଭକ୍ତଙ୍କ ପାଇଁ ହୋଇଥିବା ସେଡ୍ କାର୍ଯ୍ୟକାରୀ କରାଯିବ । ସେଡ୍ ପୂର୍ବରୁ ସାନଛତା ମଠରେ ଚପଲ, ମୋବାଇଲ, ଛତା ରଖିବା ପାଇଁ ପ୍ରଶାସନ ପକ୍ଷରୁ ମାଗଣା ବ୍ୟବସ୍ଥା କରାଯାଇଛି । ଏହାସହ ଭକ୍ତି ଭାବରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଗୋଡ ଧୋଇବା ପାଇଁ ଅଟମେଟିକ୍ ମେସିନ ଲଗାଯାଇଛି । ପାଦ ପଡିବା ମାତ୍ରେ ଆପେ ଆପେ ଗୋଡ ଧୋଇ ହୋଇଯିବ । ସେଡ୍ ଭିତରେ ପିଇବା ପାଇଁ, ଫ୍ୟାନ୍, ସିସି କ୍ୟାମେରା ବ୍ୟବସ୍ଥା ହୋଇଛି । ଦିବ୍ୟାଙ୍ଗ ଓ ବୟଜ୍ୟୋଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଟାଉନ୍ ଥାନା ପାଖରୁ ସିଂହଦ୍ୱାର ପର୍ଯ୍ୟନ୍ତ ତିନିଥାକିଆ କରିଡ଼ର ବ୍ୟବସ୍ଥା ହୋଇଛି । ମଝି କରିଡ଼ରରେ ସ୍ୱତନ୍ତ୍ରଭାବେ ଭକ୍ତମାନେ ଚାଲି ଚାଲି ସେଡ୍ ପାଖକୁ ଆସିବେ । ବାମପଟେ ଦିବ୍ୟାଙ୍ଗଗାଡି ଓ ଦିବ୍ୟାଙ୍ଗ ବୟଜ୍ୟୋଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଡ଼ାହାଣପଟ ବ୍ୟାରିକେଡରେ ଭକ୍ତମାନେ ଦର୍ଶନ କରି ଫେରିପାରିବେ । ଶ୍ରଦ୍ଧାଳୁ ମାନେ ବ୍ୟାରିକେଡ଼ରେ ଯାଇ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଠାକୁର ଦର୍ଶନ ଓ ବେଢ଼ା ପରିକ୍ରମା କରି ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବାର ବ୍ୟବସ୍ଥା ହୋଇଛି । ସିଂହଦ୍ୱାର ଅଂଚଳକୁ ଗେରୁଆ ରଙ୍ଗରେ ରଙ୍ଗାୟିତ କରାଯିବା ସହ ଝୋଟିଚିତା ପଡିଛି । ଓଡିଆ ସଂସ୍କୃତି କଳାର ଝଲକ ଦେଖିବାକୁ ମିଳିଛି । ଶ୍ରୀମନ୍ଦିର ଚାରିପଟେ ସବୁଜ ବନାନୀ ପାଇଁ ଗଛଗୁଡିକ ରଖାଯାଇଛି । ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଯୋଗୁଁ ଗଛର ଛାଇ ରାତିରେ ମେଘନାଦ ପାଚେରୀରେ ଆକର୍ଷଣୀୟ ଦୃଶ୍ୟ ସୃଷ୍ଟି କରୁଛି । ଏମାର ମଠ ଚକଡ଼ା, ଲଙ୍ଗୁଳିମଠ ଚକଡ଼ାରେ ଭକ୍ତମାନେ ଘଂଟା ଘଂଟା ଧରି ବସି ନୀଳଚକ୍ର ଦେଖିବା ସହ ଧ୍ୱଜାବନ୍ଧାକୁ ମଧ ଦେଖୁଛନ୍ତି । ସୁରକ୍ଷା ବ୍ୟବସ୍ଥା : ନୂଆବର୍ଷ ପାଇଁ ଶ୍ରୀକ୍ଷେତ୍ରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ଏସପି ଡଃ ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି । ଟ୍ରାଫିକ୍ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଅଧିକ ଟ୍ରାଫିକ୍ ପୁଲିସ ନିୟୋଜିତ ହେବେ । ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖ ଦିନ କୌଣସି ଭାରିଯାନ ସହର ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ । ଚାରିଚକିଆ ଯାନଗୁଡିକ ଜଗନ୍ନାଥ ବଲ୍ଲଭ ପାର୍କିଂ, ପୌରମାର୍କେଟ ପାର୍କିଂ, ମୋଚିସାହି ମହୋଦଧି ମାର୍କେଟ ଓ ତା ପାଖ ପାର୍କିଂସ୍ଥଳ, ମେଡିକାଲ ଛକଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡର ଦୁଇପାର୍ଶ୍ୱରେ ପାର୍କିଂ କରିପାରିବେ । ଶ୍ରୀମନ୍ଦିର ଭିତର ଓ ବାହାର ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା ହୋଇଛି । ୨୭୬ ଜଣ ପୁଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି । ୬୦ ପ୍ଲାଟୁନ୍ ପୁଲିସ ଫୋର୍ସ ସହରର ବିଭିନ୍ନ ସ୍ଥାନରେ ଜଗି ରହିଛନ୍ତି । ଦୁଇଜଣ କମାଣ୍ଡାଂଟ, ୬ଜଣ ଏଏସପି, ୧୪ ଜଣ ଡିଏସପି, ୪୮ ଜଣ ଆଇଆଇସି ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହୋଇଛନ୍ତି। ୬୦୦ ଜଣ ହୋମଗାର୍ଡ ଓ କନେଷ୍ଟେବଳ ବିଭିନ୍ନ ସ୍ଥାନରେ ନିୟୋଜିତ ହୋଇଛନ୍ତି । ସମୁଦ୍ରକୂଳର ସୁରକ୍ଷା ପାଇଁ ବାଇନାକୁଲାର ଧାରୀ ପୁଲିସ, ସାଧାପୋଷାକଧାରୀ ପୁଲିସ ମୁତୟନ ହୋଇଛନ୍ତି । ତିନୋଟି ସ୍ଥାନରେ ପୁଲିସ ଟେଂଟ କରାଯାଇ ବେଳାଭୂମି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଭକ୍ତଙ୍କ ସ୍ନାନ ସୁରକ୍ଷା ପାଇଁ ୧୦୦ ଜଣ ଲାଇଫ୍ ଗାର୍ଡ ନିୟୋଜିତ ହୋଇଛନ୍ତି । ସହରର ବିଭିନ୍ନ ଛକ ସ୍ଥାନରେ, ବଡଦାଣ୍ଡର ଦୁଇପାର୍ଶ୍ୱରେ, ବସଷ୍ଟାଣ୍ଡ, ଷ୍ଟେସନ ଓ ସହରର ପ୍ରବେଶ ପଥରେ ସିସିଟିଭି ଲଗାଯାଇଛି । ସିସିଟିଭି କଂଟ୍ରୋଲ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଡଗସ୍କ୍ୱାର୍ଡ, ବମସ୍କ୍ୱାର୍ଡ ଓ ଗୁଇନ୍ଦା ପୁଲିସ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଉପରେ ନଜର ରଖିଛନ୍ତି । ଭକ୍ତମାନଙ୍କର ସୁବିଧା ଦର୍ଶନ ଓ ସୁରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ଆଇଏଏସ୍ ବିଜୟ କେତନ ଉପାଧ୍ୟାୟ ନିଲମ୍ବିତ

ଭୁବନେଶ୍ୱର,୩୦।୧୨(ପି.ଏନ): ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡିଥିବା ଆଇଏଏସ୍ ଅଧିକାରୀ ବିଜୟ କେତନ ଉପାଧ୍ୟାୟଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ସୋମବାର ଦିନ ୧ ଲକ୍ଷ ଟଙ୍କା ଲାଂଚ ନେଉଥିବା ବେଳେ ଆଇଏଏସ୍ ଅଧିକାରୀ ବିଜୟ କେତନ ଉପାଧ୍ୟାୟ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏକ ବିଲ୍ ପାସ୍ କରିବା ପାଇଁ ସେ ଲାଂଚ ନେଉଥିବା ଅଭିଯୋଗ ହୋଇଛି। ଏହାପରେ ତାଙ୍କ ଘର ଉପରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ୨୦୦୯ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ବିଜୟ କେତନ ଉପାଧ୍ୟାୟ ବର୍ତମାନ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ହାପରେ ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀ ଉପାଧ୍ୟାୟଙ୍କୁ ନିଲମ୍ବନ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଉକ୍ତ ବିଜ୍ଞପ୍ତିରେ କୁହାଯାଇଥିଲା ଯେ ସ୍ୱଚ୍ଛତା ହେଉଛି ଏହି ସରକାରର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଦୁର୍ନୀତିରେ ସାମିଲ ଥିବା କାହାରିକୁ ଛଡାଯିବ ନାହିଁ ବୋଲି ସେଥିରେ ଉଲ୍ଲେଖ ଥିଲା।

## ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଦାବି

ଭୁବନେଶ୍ୱର, ୩୦।୧୨ (ପି.ଏନ):ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଦାବି କରି ଏହାର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ପ୍ରସ୍ତାବ ଗ୍ରହଣ କରା ଯାଇଛି। ଅନ୍ୟ ପକ୍ଷରେ ରସାୟନ ଶାସ୍ତ୍ର ବିଭାଗରେ ପିଜି ପାଠ୍ୟକ୍ରମ ଖୋଲିବାକୁ ମଧ୍ୟ ଆଉ ଏକ ପ୍ରସ୍ତାବ ଗୃହୀତ କରା ଯାଇଥିବା ଜଣା ପଡିଛି। ରସାୟନ ବିଜ୍ଞାନ ବିଭାଗର ଛାତ୍ରମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଣନାଥ ମହାବିଦ୍ୟାଳୟ ପରିସରରେ ସଂପୃକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ, ସୌଦାମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦକୁ ପଞ୍ଜିକୃତ କରିବା ପାଇଁ ନିଷ୍ପତି ନିଆ ଯିବା ସହ ଏଥିପାଇଁ ଏକ କମିଟି ଗଠନ କରା ଯାଇଛି । ଏହି କମିଟିର ସଭାପତି ଭାବେ ଏନସିସିର ପ୍ରାକ୍ତନ ଡେପୁଟି ଡାଇରେକ୍ଟର ଜେନେରାଲଙ୍କୁ ଡକ୍ଟର ଲଳିତ ମୋହନ ଅଗ୍ରୱାଲ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ପଠାଣିସୁନ୍ଦର ମାନସିଂ ଓ ଲକ୍ଷ୍ମୀ ପ୍ରସାଦ ସାହୁଙ୍କୁ ମନୋନୀତ କରାଯାଇଛି । ଏହାବ୍ୟତୀତ ଡ. ଧୀରେନ୍ଦ୍ର ନନ୍ଦଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ଏହି ବୈଠକରେ ରସାୟନ ବିଜ୍ଞାନ ବିଭାଗର ଏଚଓଡ଼ି ଡକ୍ଟର ଅଜନ୍ତା ଶତପଥୀଙ୍କ ସମେତ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସହ ଅନେକ ପୁରୁଣା ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ଦ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ମୋ ସହର

# ଓଡ଼ିଶୀ ନୃତ୍ୟ ମହାକୁମ୍ଭର ଅନ୍ତିମ ସଂଧ୍ୟାରେ ଭରପୂର ଦର୍ଶକ



ଭୁବନେଶ୍ୱର (ପିଏନ)- ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ୫ ଦିନ ଧରି ଆୟୋଜିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଆଜି ଥିଲା ଅନ୍ତିମ ଦିବସ । ପୂର୍ବାହ୍ନ ଅଧିବେଶନ ଆରମ୍ଭ ହୋଇଥିଲା ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ କାର୍ଯ୍ୟକ୍ରମରୁ । ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ନୃତ୍ୟ ପରିବେଶଣ କରିଥିଲେ ଭୁବନେଶ୍ୱରର ପ୍ରୀୟଦର୍ଶନୀ ରାଉତ, ପୁରୀର ଯୁଧିଷ୍ଠିର ପ୍ରଧାନ, ଖୋର୍ଦ୍ଧାର ଅଭିଷ୍ଠା ଭଞ୍ଜ, ରଞ୍ଜନ ନାଇ ଶର୍ମା, ଭୁବନେଶ୍ୱରର ଶ୍ରୀତତ୍ତ୍ୱ ମିଶ୍ର, ଚାଇନାର ଓ୍ୱେ ଫନ, ଝାଡ଼ଖଣ୍ଡର ତ୍ରିଶା ତନିୟା ସେନ, ଅଷ୍ଟ୍ରେଲିଆର ସାମ ଗୋରାୟା ଏବଂ ଭୁବନେଶ୍ୱରର ରତିରଞ୍ଜନ ଅମାନ୍ତ । ଦ୍ୱୈତ ନୃତ୍ୟ ପରିବେଶଣ କରିଥିଲେ ଫୁଲବାଣୀର ତେଜସ୍ମିତା ମିଶ୍ର ଓ ଆଲିଶା ଗଣ୍ଡା, କଲିକତାର କବିତା ମିଶ୍ର ଓ ରାଜୁ ମିଶ୍ର, ଭୁବନେଶ୍ୱରର ବିକ୍ରମ ଶାମଲ ଓ ଗିତାଞ୍ଜଳୀ ରାଏ ଏବଂ ଶେଷରେ ଦଳଗତ ନୃତ୍ୟ ପରିବେଶଣ କରିଥିଲେ କଲିକତାର ଶତାବ୍ଦୀ ନୃତ୍ୟାୟନ ଅନୁଷ୍ଠାନର ଶିଳ୍ପୀମାନେ । ଅପରାହ୍ନ ଅଧିବେଶନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପଲ୍ଲବୀ ଦାସ ଓ ସାଥୀଙ୍କ ଦ୍ୱାରା ରାଗ କଲ୍ୟାଣୀ ଓ ତାଳ ଝମ୍ପା ଉପରେ ଅଭିନୟ ଗୀତଗୋବିନ୍ଦ ଦଶାବତାର ପରେ ପରେ ସ୍ମୃତିପୁଷ୍ପା ପଣ୍ଡାଙ୍କ ଦ୍ୱାରା ରାଗ ଭୈରବୀ ଓ ତାଳ ରୂପକ ଉପରେ ନିବଦ୍ଧ ଅଭିନୟ ମୋହନ ମୁରଲୀ ଛଇ ଲୋ ସଜନୀ, ତାଇବାନରୁ ଆସିଥିବା ଶିଳ୍ପୀ ହେଇଦି ହସିନ ପରିବେଶଣ କରିଥିଲେ ରାଗ ମୋହନା ଓ ତାଳ ତ୍ରିପଟା ଉପରେ ପଲ୍ଲବୀ । ତାଙ୍କ ପରେ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ବମ୍ବେରୁ ଆସିଥିବା ମିତାଲୀ ଭୋରଦକର ଓ ସ୍ୱେୟା ଶୁଭ୍ରା ସବରୱାଲଙ୍କ ଦ୍ୱାରା ଅଭିନୟ ଅର୍ଦ୍ଧନାରୀଶ୍ୱର ପରିବେଶିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ସାଉଥ ଆଫ୍ରୀକାରୁ ଆସିଥିବା ସୌମ୍ୟା ସେଫାଲିକା ଦାଶଙ୍କ ଦ୍ୱାରା ଅଭିନୟ ଆହାକି ସୁନ୍ଦର ସଖୀ ଯାହା ରାଗ ବୃନ୍ଦାବନ ସାରଙ୍ଗ ଓ ତାଳ ଏକତାଳୀ ଉପରେ ପର୍ଯ୍ୟବେସିତ ଥିଲା । ପରେ ପରେ ଚାଇନାର ୟୁଇ ଲେନଙ୍କ ଦ୍ୱାରା ରାଗ ରାଗେଶ୍ରୀ ଓ ତାଳ ଏକତାଳୀ ଉପରେ ପଲ୍ଲବୀ ପରିବେଶିତ ହୋଇଥିଲା । ହିମାଂସୁ କୁମାର ରାୟଙ୍କ ଦ୍ୱାରା ଅଭିନୟ ନାଚନ୍ତି ରଙ୍ଗେ ଶ୍ରୀହରୀ କୁଞ୍ଜେ ବିହରି ପରେ ପରେ ମେଘନା ମହାନ୍ତିଙ୍କ ଦ୍ୱାରା ଅଭିନୟ ଅଷ୍ଟଶମ୍ଭୁ ପରିବେଶିତ ହୋଇଥିଲା । ଦ୍ୱୈତ୍ୟ ନୃତ୍ୟରେ କଲିକତାର ସଙ୍ଘମିତ୍ରା ଜେନା ଓ ସଞ୍ଜୟ ସୋଙ୍କ ଦ୍ୱାରା ଅଭିନୟ କିଶୋଭା ଗୋ କୁଞ୍ଜେ ମଦନ ମୋହନ ଯାହା ରାଗ ଆନନ୍ଦ ଭୈରବୀ ଓ ତାଳ ଏକତାଳୀ, ଝମ୍ପା ଓ ଖେମଟା ଉପରେ ନିବଦ୍ଧ ଥିଲା । ଶେଷରେ ନୂଆଦିଲ୍ଲୀର ଦେବଧର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଅଭିନୟ ଗଣ ନାୟକ ଜୟ ଭବ ନନ୍ଦନ ପରିବେଶିତ ହୋଇଥିଲା । ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ମୀରା ଦାସଙ୍କ ଦ୍ୱାରା ଅଭିନୟ ଶ୍ରୀ ରାମ ପ୍ରେୟସୀ ଲୋକାଭୀ ରାମ ରଣ ରଙ୍ଗ ଧୀର ପରେ ପରେ ଆମେରିକାର ଧାରା ମହାପାତ୍ର ପରିବେଶଣ କରିଥିଲେ ଅଭିନୟ ବାଜୁଛି ସହୀ ବାଜାରେ । ଅରୁଣିମା ଆଚାର୍ଯ୍ୟ ପରିବେଶଣ କରିଥିଲେ ରାଗ ମେଘ ଓ ତାଳ ମାଳ ଉପରେ ଅଭିନୟ ବର୍ଷା ଅଭିସାର ପରେ ପରେ ମିନାକ୍ଷୀ ତ୍ରିପାଠୀ ଓ ସୋନାଲୀ ସାବତ ପରିବେଶଣ କରିଥିଲେ ରାଗ କିରବାଣୀ ଉପରେ ପଲ୍ଲବୀ । ପ୍ରଜ୍ଞା ପରିମିତା ଦାସଙ୍କ ଦ୍ୱାରା ଅଭିନୟ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ (ଭ) ପରିବେଶିତ ହୋଇଥିଲା ପରେ ପରେ ନୃତ୍ୟ ପରିବେଶଣ କରିଥିଲେ ବାଲେଶ୍ୱରର ତେଜସ୍ୱିନୀ ପଲ୍ଲାଇ, ଭୁବନେଶ୍ୱରର ଶ୍ରେୟାସି ପତି ଓ ଆଞ୍ଚଳ ପଣ୍ଡା, ଦୁବାଇରୁ ଆସିଥିବା ମିତାଲୀ ପ୍ରିୟା ଗିରି, ଭୁବନେଶ୍ୱରର ନମିତା ରାୟ । ଶେଷରେ ନକ୍ଷେତ୍ର ଗୁରୁକୁଳର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ ବେଶ୍ ଉଚ୍ଚକୋଟୀର ଥିଲା ଯାହାକି ଦର୍ଶକମାନଙ୍କୁ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ୫ ଦିନ ଧରି ଚାଲିଥିବା ଏହି ଆନ୍ତର୍ଜାତିକ ନୃତ୍ୟୋତ୍ସବକୁ ପ୍ରତିଦିନ ଭରପୂର ଦର୍ଶକ ଶେଷ ପର୍ଯ୍ୟନ୍ତ ରହି ଉପଭୋଗ କରୁଥିଲେ । ସଂଧ୍ୟା ଅଧିବେଶନର ଅତିଥି ଥିଲେ ଡ଼. ସୂର୍ଯ୍ୟ ପଟ୍ଟନାୟକ, ଡ଼. ଅଂଜଳିକା ପଟ୍ଟନାୟକ, ଡ଼. ଇତି ସାମନ୍ତ, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଫେସର ମୋହିନୀକାନ୍ତ ମିଶ୍ର, ଡ଼. ସ୍ନେହପ୍ରଭା ସାମନ୍ତ ରାୟ, ଡ଼. ଏସ. କେ. ଟାମୋଟିଆ ଏବଂ ଡ଼. ସଙ୍ଗୀତା ଗୋସାଇଁ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ ।

# ସୁସାହିତ୍ୟିକ ନାରାୟଣ ଚନ୍ଦ୍ର ସେନାପତିଙ୍କୁ ଟିକିତାରା-୨୦୧୯ ସମ୍ମାନ



କେନ୍ଦୁଝର(ପିଏନ) : ହାଟଡିହି ବ୍ଲକର ଜମ୍ବରା ଗ୍ରାମର ନାରାୟଣ ଚନ୍ଦ୍ର ସେନାପତିଙ୍କୁ ଟିକିତାରା -୨୦୧୯ ସମ୍ମାନ ପୁରୀ ନିକଟସ୍ଥ ଚନ୍ଦ୍ରଶେଖର ପୁର ପାଠାଗାର ଠାରେ ଅନୁଷ୍ଠିତ ଟିକିତାରାର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଅଛି । ଏହି ଉତ୍ସବରେ କ୍ରୀଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ସଚ୍ଚିଦାନନ୍ଦ ମହାପାତ୍ର ଉଦଘାଟକ ରୂପେ ଯୋଗ ଦେଇଥିବାବେଳେ ଡ. କୈଳାସ ଚନ୍ଦ୍ର ଟିକ୍କାୟତରାୟ ମୁଖ୍ୟ ଅତିଥି ଓ ଆଇନଜୀବୀ ସଦାଶିବ ମିଶ୍ର, ହେମନ୍ତ କୁମାର ଛୋଟରାୟ, ପୌର୍ଣ୍ଣମାସୀ ଦେବୀ, ବିଜୟ କୁମାର ପଣ୍ଡା, ଶରତ ଚନ୍ଦ୍ର ସାହୁ ଓ ଚନ୍ଦ୍ରଶେଖର ମହାରଣା ଆଦି ଯୋଗ ଦେଇଥିଲେ । ବାର୍ଷିକ ମୁଖପାତ୍ର ଟିକିତାରା ଓ ଶ୍ରୀଲେଖାର ପଂଚକଲମ ସଂକଳନ ଗୁଡ଼ିକ ଲୋକାର୍ପଣ କରାଯାଇଥିଲା । ଏହି ସଭାରେ କେନ୍ଦୁଝର ଜମ୍ବରାର ନାରାୟଣ ଚନ୍ଦ୍ର ସେନାପତିଙ୍କୁ ସାହିତ୍ୟରେ ପାରଦର୍ଶିତା, ଆଦର୍ଶ ଶିକ୍ଷକତା ଓ ସମାଜ ଗଠନରେ ଭୂମିକା ପାଇଁ ଟିକିତାରା-୨୦୧୯ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହ ହାସ୍ୟମୟୀ ରାଜ, କସ୍ତୁରୀ ଚରଣ ରାଉତ, ଦିପ୍ତୀ ପ୍ରିୟଦର୍ଶିନୀ ସୂତାର, ଅରୁଣ କୁମାର ସାହୁ, ବୈଜୟନ୍ତୀ ସାହୁ, ସଂଧ୍ୟାରାଣୀ ଦାଶ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ସୁସାହିତ୍ୟ ରଚନା, ସୁଶିକ୍ଷକତା ଓ ସମାଜ ଗଠନରେ ବ୍ରତୀ ଥବା ୨୫ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିଙ୍କ ଦ୍ୱାରା ବର୍ଣ୍ଣବୋଧର ଗୁରୁତ୍ୱ ସାହିତ୍ୟର ମର୍ଯ୍ୟାଦା, ବ୍ୟକ୍ତି ସମାଜର ଉନ୍ନତିରେ ଭାଷା ସାହିତ୍ୟର ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠିତ କବିତା ଆସରରେ ନାରାୟଣ ଚନ୍ଦ୍ର ସେନାପତି, ବିଜୟଲକ୍ଷ୍ମୀ ଦାଶ, ହରପ୍ରିୟା ମୁଦୁଲି, ସର୍ବାଣୀ ମିଶ୍ରଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ ଶିଶୁ କିଶୋର କବିତା ପାଠ କରାଯାଇ ସମ୍ପାଦକ ବିପିନ ବିହାରୀ ଦଳାଇଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା । ଐଶ୍ୱର୍ଯ୍ୟା ଦାଶ, ସଂଘମିତ୍ରା ବାରିକ, ପ୍ରିୟଙ୍କା ପାତ୍ର, ସୁନିଲ ବେହେରା ଓ ଶୁଭମ୍ ଦାସଙ୍କ ପରି କୋମଳମତୀ ବାଳକ ବାଳିକାଙ୍କ ଦ୍ୱାରା ଅଭିନବ ଆବାହନୀ ସଂଗୀତଗାନ ସଭିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସର୍ବଶେଷରେ ସମ୍ପାଦକ ବିପିନ ବିହାରୀ ଦଳେଇ ସାହିତ୍ୟ ସଂସ୍କୃତିର ସଂହତିପୂର୍ଣ୍ଣ ଆଶୀର୍ବଚନ ପ୍ରଦାନ କରିବା ସଙ୍ଗେସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁନ୍‌ଭିନ୍‌ଙ୍କୁ କିଟ୍ ନହ୍ନିପରୀ ଟାଇଟଲ୍ ୨୦୧୯



ଭୁବନେଶ୍ୱର, ୨୯।୧୨(ପିଏନ) : ଛତିଶଗଡ଼ ରାୟପୁରର ଗୁନ୍‌ଭିନ୍ ଛାତ୍ରୀ କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୯ ଟାଇଟଲ୍ ହାସଲ୍ କରିଛନ୍ତି। କିଟ୍ ପକ୍ଷରୁ ଆୟୋଜିତ 'କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୯ର ଫାଇନାଲ୍ ତଥା ମେଗା ରାଉଣ୍ଡ ରବିବାର ଶେଷ ହୋଇଛି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପରିସରରେ ତିନି ଦିନ ଧରି ଚାଲିଥିବା ଏହି ମେଗା ଅଡ଼ିସନ୍ ତଥା ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଗୁନ୍‌ଭିନ୍ ନହ୍ନିପରୀ ମୁକୁଟ ସହ ୩ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି। ସେମିଫାଇନାଲ୍‌କୁ ୨୬ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଭୋପାଳର ତାପ୍ତି ଠାକୁର ପ୍ରଥମ ରନର୍ସଅପ୍ ହୋଇଥିବା ବେଳେ ପାଟନାର ବେଦିକା ରକ୍ଷିତା ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଏହି ଦୁଇ ରନର୍ସ ଅପ୍‌ଙ୍କୁ ଯଥାକ୍ରମେ ୧ ଲକ୍ଷ ଓ ୫୦ ହଜାର ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା। ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ବାଙ୍ଗାଲୋରର ରେଷନୀ ୱାଇ, ଲିଟିଲ୍ ମିସ୍ ଫଟୋଜେନିକ ପାଇଁ କୋଚିର ସାରୋନ ସାହିନ୍, ଲିଟିଲ୍ ମିସ୍ ସେଲ୍‌ଫି ପାଇଁ (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍) ପାଇଁ ମେଘାଳୟର ରାଇସା ସାହାନାୱାଜ, ଲିଟିଲ୍ ମିସ୍ ଫେସନ୍ ଗାର୍ଲ ପାଇଁ କୋଲକାତାର ଚନ୍ଦ୍ରିମା ସରକାର, ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର) ରାୟପୁରର ଗୁନ୍‌ଭିନ୍, ମିସ୍ ସିଣ୍ଡେ୍ରଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ପାଇଁ ଦିଲ୍ଲୀର ବନ୍ୟା ସିଂହ, ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ଜାମସେଦପୁରର ସୋନାଲ୍ ସିଂହ, ମିସ୍ କ୍ୟାଟ୍‌ୱାକ୍ ପାଇଁ ଆସାମର ତସିନା ନୀଲୁଫର ହୁସେନ୍, ମିସ୍ ମୋନାଲିସା ପାଇଁ ଇମ୍ଫାଲ୍‌ର ରାମିୟା ଥାଙ୍ଗଜମ୍ ଏବଂ ମିସ୍ ଆକ୍ଟିଭ୍ ପାଇଁ ଭୋପାଳର ତାପ୍ତି ଠାକୁର ପୁରସ୍କୃତ ହୋଇଥିଲେ। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏଥର ମୋଟ ୪୧ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା। ସେଥି ମଧ୍ୟରୁ ଟାଇଟଲ୍ ବିଜୟିନୀଙ୍କୁ କିଟ୍ ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କା, ୩ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ମୋଟ୨୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବା ସହ ନିଜ ବାପା କିମ୍ବା ମାଆଙ୍କ ସହିତ ଏକ ସପ୍ତାହ ଦକ୍ଷିଣ କୋରିଆ ପରିଭ୍ରମଣର ସୁଯୋଗ ମିଳିବ। ସେହିପରି ପ୍ରଥମ ରନର୍ସ ଅପ୍‌ଙ୍କୁ ସମୁଦାୟ ପୁରସ୍କାର ରାଶି ୧୦ ଲକ୍ଷ ଥିବା ବେଳେ ୧ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ। ଦ୍ୱିତୀୟ ରନର୍ସଅପ୍‌କୁ ୫୦ହଜାର ଟଙ୍କା ଓ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ର ବ୍ୟବସ୍ଥା ରହିଛି। ଏହା ଛଡ଼ା ଶ୍ରେଷ୍ଠ ତିନି ଜଣଙ୍କୁ ଇଜିପ୍ଟ ଭ୍ରମଣରେ ଯିବାକୁ ସୁଯୋଗ ମିଳିଛି। ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ନହ୍ନିପରୀର ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ପୃଷ୍ଠପୋଷକ ମଳୟ ମହାପାତ୍ର, ଫେମିନା ମିସ୍ ଇଣ୍ଡିଆ ୨୦୧୯ ସୁମନା ରାଓ, ମିସ୍ ଗ୍ରାଣ୍ଡ ଇଣ୍ଡିଆ ୨୦୧୯ ଶିବାନୀ ଯାଦବ, ମିସ୍ ଇଣ୍ଡିଆ ୟୁନାଇଟେଡ୍ କଣ୍ଟିନେଣ୍ଟ ୨୦୧୯ ଶ୍ରେୟା ଶଙ୍କର, ମିସ୍ ୱାର୍ଲ୍ଡ କୁଇନଡାଂ ଚୀନ ୨୦୧୭ କିଓ କିଓ ଏବଂ ଦକ୍ଷିଣ କୋରିଆର ବିଶିଷ୍ଟ ଅଭିନେତ୍ରୀ ଜଙ୍ଗ ହେ ସନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପଢ଼ିଆରୀପଲ୍ଲୀ ପଂଚାୟତ ହାଇସ୍କୁଲ ବଣିଆପଙ୍କର ଶିକ୍ଷକ ଓ କର୍ମଚାରୀ ମରୁଡ଼ି ନିଯୁକ୍ତି ଦେବାକୁ ଦାବୀ

କେନ୍ଦୁଝର (ପିଏନ): ହାଟଡିହି ବ୍ଲକ ପଢ଼ିଆରୀପଲ୍ଲୀ ପଂଚାୟତ ହାଇସ୍କୁଲ ବଣିଆପଙ୍କର ଶିକ୍ଷକ ଓ କର୍ମଚାରୀ ନଥିବାରୁ ଶିକ୍ଷାଦାନର ବାଧାପ୍ରାପ୍ତ ସୃଷ୍ଟି ହେଉଥିବାରୁ ଏହାକୁ ନେଇ ଅଭିଯୋଗ ହେଉଛି । ଅଭିଯୋଗରୁ ଜଣାଯାଇଛି ବିଦ୍ୟାଳୟରେ ୧୫୦ ଜଣ ଛାତ୍ରଛାତ୍ରୀ ଶିକ୍ଷାଦାନ କରୁଛନ୍ତି । ଏହି ବିଦ୍ୟାଳୟର କଳାଶିକ୍ଷକ, ସଂସ୍କୃତ ଶିକ୍ଷକ , ଖେଳଶିକ୍ଷକ ଓ କ୍ଲର୍କ ନାହାଁନ୍ତି । ଖେଳ ପାଇଁ ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ବର୍ଷ ବର୍ଷ ଧରି ଖେଳ ଶିକ୍ଷକ ନାହାଁନ୍ତି । ଅନ୍ୟ ପକ୍ଷରେ କଳା ଓ ସଂସ୍କୃତ ଶିକ୍ଷକ ନାହାଁନ୍ତି । ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। କ୍ଲର୍କ ନଥିବାରୁ ବିଦ୍ୟାଳୟର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଫର୍ମ ଫିଲପ ଅନ୍ୟ କାର୍ଯ୍ୟ ସମୟରେ ଅସୁବିଧା ଉପୁଜୁଛି । ଏହାକୁ ନେଇ ବିଦ୍ୟାଳୟ କର୍ତୃପକ୍ଷ, କମିଟି ଓ ଅଭିଭାବକ ଡିଇଓ ଓ ବିଧାୟକ ଦୃଷ୍ଟି ଆକର୍ଷଣ କରି ଶ୍ରୀଘ୍ର ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି ।

## ଗୁର ରବିନାରାୟଣ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ

# ସୁକିନ୍ଦାକୁ ହରାଇ ଛତିଆ ଚମ୍ପିୟାନ

ଚଣ୍ଡିଖୋଲ, ୨୯/୧୨(ପି.ଏନ.)- ବଡଚଣା ବ୍ଲକ ଧାନମଣ୍ଡଳ ମେଲଣ ପଡିଆରେ ଆୟୋଜିତ ହୋଇଥିବା ଗୁର ରବିନାରାୟଣ କ୍ରିକେଟ ଟୁର୍ଣ୍ଣାମେଂଟ ରବିବାର ଉଦଯାପିତ ହୋଇଯାଇଛି। ଉଦଯାପିତ ଫାଇନାଲ ଖେଳ ଜାମୁପଶି ସୁକିନ୍ଦା ସହିତ ଓାଇସିସି ଛତିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ସୁକିନ୍ଦା ଦଳ ନିର୍ଦ୍ଧାରି ୧୩.୫ ଓଭରରେ ସମସ୍ତ ଓକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲେ। ଜବାବରେ ଛତିଆ ଦଳ ୧୩.୫ ଓଭରରେ ୫ ଓକେଟ ହରାଇ ୧୧୨ ରନ କରି ବିଜୟ ଲାଭ କରିଥିଲା। ଛତିଆର ଦିଲିପ କୁମାର ରାଉତ ମ୍ୟାନ ଅଫ ଦି ମ୍ୟାଚ,ଲିଟନ ବାରିକ ମ୍ୟାନ ଅଫ ଦି ସିରିଜି ଓ ସୁକିନ୍ଦାର ରୋସନ ସ୍ୱାଇଁ ବେଷ୍ଟ ବୋଲର ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମଭୁଷଣ ଉପାଧିପ୍ରାପ୍ତ ସମାଜସେବୀ ବି.ପି.ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିଳ୍ପଦ୍ୟୋଗୀ ରିପନ ଚକ୍ର ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ବିବାସ ଚନ୍ଦ୍ର ନନ୍ଦ ଉତ୍ସବରେ ସଭାପତିତ୍ୱ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ହୋଲି ଜେସସ ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକ,ଆଇନୀବୀ ଦେବରାଜ ବେହେରା, ଯୁବ ସାମ୍ବାଦିକ ପ୍ରମୋଦ ଜେନା, ସମାଜ ସେବୀ ଦୀପକ ମିଶ୍ର, ଗୁର ରବିନାରାୟଣଙ୍କ ସୁପୁତ୍ର ଯୋଗଦେଇ ଥିଲେ। କ୍ଲବର ସମ୍ପାଦକ ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ବିବରଣୀ ପାଠ କରିଥିଲା ବେଳେ ଉଦୟ ଦାସ ସ୍କୋର ପରିଚାଳନା ଦାୟିତ୍ୱରେ ଥିଲେ। ଶେଷରେ ଅମିନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁଧାକର ଦାସ ଫାଇନାଲ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲା ବେଳେ ଅମ୍ପାୟରିଂ ଦାୟିତ୍ୱ ଅଶ୍ୱିଜିତ ରାଉତ ଓ ପ୍ରଶାନ୍ତ ବେହେରା ତୁଲାଇ ଥିଲେ। ବାସୁଦେବ ଦାସ, ଗୌତମ ଭାରତୀ,. ସୁରେନ୍ଦ୍ର ନାୟକ ଓ ବାବୁନି ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହ ଯୋଗ କରିଥିଲେ।

# ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରକାଶ ପାଇଲା

କେନ୍ଦୁଝର (ପିଏନ): ଆଗାମୀ ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ତା ୦୬.୦୧.୨୦୨୦ରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ, ତା୧୩.୦୧.୨୦୨୦ରିଖ ସୋମବାର ଦିନ ଯୋଡ଼ା ବ୍ଲକ୍ କାର୍ଯ୍ୟାଳୟଠାରେ, ତା ୨୦.୦୧.୨୦୨୦ରିଖ ସୋମବାର ଦିନ ବାଂଶପାଳ ବ୍ଲକ୍ କାର୍ଯ୍ୟାଳୟଠାରେ ଏବଂ ତା୨୭.୦୧.୨୦୨୦ରିଖ ସୋମବାର ଦିନ ତେଲକୋଇ ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ ଠାକ୍‌ରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣୀ ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ବିଜେପି ପକ୍ଷରୁ ନାଗରିକତା ସଂଶୋଧନ ଅଧିନିୟମ ସଂପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦ୍ରାପଡ଼ା,(ପିଏନ)- ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଜିଲ୍ଲା ତରଫରୁ ନବ ନିର୍ମିତ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ସ୍ଥାନୀୟ ହୋଟେଲ ପରିସରରେ ନାଗରିକତା ସଂଶୋଧନ ଅଧିନିୟମ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ଗୁଡିକ ମଧ୍ୟରେ ନାଗରିକତା ସଂଶୋଧନ ଆଇନ କ'ଣ ? ଏହି ଆଇନ ବଳରେ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ଯଥା ପାକିସ୍ଥାନ, ବାଂଲାଦେଶ, ଆଫଗାନିସ୍ଥାନ ରେ ରହୁଥିବା ଏବଂ ସେଠାରେ ଉତ୍ପୀଡନର ଶିକାର ହୋଇ ସେଠାରୁ ବିସ୍ଥାପିତ ହୋଇଥିବା ନାଗରିକ ମାନଙ୍କୁ ନାଗରିକତା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି । ଦେଶର ଜନତା କୌଣସି ବିଭ୍ରାନ୍ତିକର ମନ୍ତବ୍ୟ ଓ ଅନ୍ୟର ପ୍ରରୋଚନାରେ ନଯାଇ ଉକ୍ତ ଆଇନକୁ ବୁଝିବା ନିମନ୍ତେ ନିବେଦନ କରାଯାଇଥିଲା। ଏଥିରେ କାହାରି ନାଗରିକତା ଛିନ୍ନ କରାଯିବାର ଅପପ୍ରଚାର କରୁଥିବା କିଛି ରାଜନୈତିକ ଦଳର ଅପପ୍ରଚାରରେ ଜନସାଧାରଣ ନଯିବା ପାଇଁ ସଚେତନତା ଆଣିବା ସହ ଭାରତୀୟ ଜନତାପାର୍ଟି ଉକ୍ତ କାର୍ଯ୍ୟକ୍ରମକୁ ଆସନ୍ତା ଜାନୁୟାରୀ ୨୫ ତାରିଖ ୨୦୨୦ ମସିହା ପର୍ଯ୍ୟନ୍ତ ପ୍ରତ୍ୟେକ ବୁଥ ସ୍ତରରେ, ପଂଚାୟତ ଏବଂ ବ୍ଲକ ସ୍ତରୀରେ କାର୍ଯ୍ୟକ୍ରମ ଚଳୁ ରଖିବା ନିମନ୍ତେ ସ୍ଥିର କରାଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଶ୍ରୀ ଅଲେଖ ଚନ୍ଦ୍ର ଜେନାଙ୍କ ସମେତ ରାଜ୍ୟ ପରିଷଦ ସଭ୍ୟ ସୁନାକର ବେହେରା ପୂର୍ବତନ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ନାଗରିକତା ସଂଶୋଧନ ଅଧିନିୟମ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ କିପରି ଭାବରେ ଜନ ସାଧାରଣଙ୍କ ନିକଟରେ ଘରେ ଘରେ ଉପସ୍ଥାପନା କରାଯିବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପିନ କୁମାର ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ଚାଟାର୍ଜୀ, କୃଷ୍ଣଚନ୍ଦ୍ର ପଣ୍ଡା, କାନନବାଳା ଦାସ, ସେକ ସଲିମ, ବିଭୁତିଭୂଷଣ କର, ନେହେରୁ କୁମାର ସାହୁ, ପ୍ରମୁଖ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଓ ଜିଲ୍ଲା ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ରତ୍ନଭଣ୍ଡାର ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯୁବ କଂଗ୍ରେସର ଦାବିପତ୍ର

ପୁରୀ, (ପିଏନ)- ବହୁଦିନ ଧରି ରତ୍ନଭଣ୍ଡାର ବନ୍ଦ ରହିଛି । ଏହାକୁ ଖୋଲିବା ପାଇଁ ଯୁବକଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିର ଆଇନ ୧୯୫୫ ଅନୁଯାୟୀ ନିୟମିତ ବ୍ୟବଧାନରେ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଗୁଡିକର ଗଣତି ଓ ମଣତି ହୋଇଥାଏ । ସମସ୍ତ ଘଟଣା ବିବରଣୀରେ ଲେଖାହେବା ସହ ପୂର୍ବ ତାଲିକାକୁ ମେଳକ କରାଯାଇଥାଏ । କିଛିମାସ ତଳେ ରତ୍ନଭଣ୍ଡାର ଖୋଲିବା ପାଇଁ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଅସଲି ଚାବି ନମିଳିବାରୁ ତାହା ଖୋଲିପାରିନଥିଲା । ପରେ କୌତୁହଳପୂର୍ଣ୍ଣ ଭାବେ ନକଲି ଚାବି ମିଳିଥିଲା । ଏହି ଘଟଣାକୁ ନେଇ ସେତେବେଳେ ଚର୍ଚ୍ଚା ଜୋର୍ ଧରିବା ସହ ରତ୍ନଭଣ୍ଡାର ଖୋଲିପାରିନଥିଲା । ଏଥିପାଇଁ ରାଜ୍ୟ ସରକାର ରଘୁବୀର ଦାସ କମିଶନ ନିୟୋଜିତ କରିଥିଲେ । ବିଧାନସଭାରେ ଆଇନମନ୍ତ୍ରୀ ରତ୍ନଭଣ୍ଡାର ବିବରଣୀ ଦେବା ପରେ ଏହା ଲକ୍ଷ ଲକ୍ଷ ଭକ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ରତ୍ନଭଣ୍ଡାର ବାହାରେ ତାଲା, ଭିତରେ ସିନ୍ଧୁକ ମେଲା ବୋଲି ଅନେକ ଭକ୍ତ ଚର୍ଚ୍ଚା କରୁଛନ୍ତି । ଶ୍ରୀମନ୍ଦିର ଆୟବ୍ୟୟ ସଂପର୍କିତ ଅଡିଟ ହେଉନାହିଁ । ଯାହାଫଳରେ ଜନସାଧାରଣ ଓ ଭକ୍ତଙ୍କ ସାମୂହିକ ଅର୍ଥ କିପରି ଖର୍ଚ୍ଚ ହେଉଛି ତାହା ସାଧାରଣ ଜନତା ଜାଣିପାରୁନାହାଁନ୍ତି । ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ଦେବା ସମୟରେ ଯୁବକଂଗ୍ରେସ ନେତା ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ସୌରଭ ପଟ୍ଟନାୟକ, କାହ୍ନୁଚରଣ ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ଅମୀୟ ମହାପାତ୍ର ଓ ରାଜକୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କାମରେ ଲାଗୁନି ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ

ଧର୍ମଶାଳା,(ପିଏନ)- ବିଶୁଦ୍ଧ ପିଇବା ପାଣି ଯୋଗାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାନ ପ୍ରଣୟନ କରିଛନ୍ତି। ବିଭିନ୍ନ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ବସାଇ ପାଇପ ଦ୍ୱାରା ଗ୍ରାମର ହାତ ପାହାନ୍ତାରେ ପାଣି ଯୋଗାଇ ଦେଉଛନ୍ତି। ମାତ୍ର ବହୁ ସ୍ଥାନରେ ଏହି ପ୍ରକଳ୍ପ ଥିଲେ ସୁଦ୍ଧା ଗ୍ରାମବାସୀ ମାନେ ପାଣି ପାଇଁ ଦୀର୍ଘ ୫ କି.ମି. ଯାଏଁ ଯାଉଛନ୍ତି। ପୂର୍ବରୁ ବଡଚଣା ନିର୍ବାଚନ ମଣ୍ଡଳିରେ ଥିବା ଭଡଙ୍ଗା-ଆଳିଜଙ୍ଗା ଗ୍ରାମକୁ ପାନୀୟ ଜଳ ଯୋଗାଇବା ପାଇଁ ଚଣ୍ଡିମନ୍ଦିରରୁ ଭଡଙ୍ଗା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ମଧ୍ୟ ସ୍ଥଳରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତତକାଳୀନ ଗ୍ରାମ୍ୟ ଉନ୍ନୟନ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲା ଓ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଦ୍ୱାରା ୨୮.୧୨.୨୦୦୩ରେ ଏହି ପ୍ରକଳ୍ପଟି ଉଦଘାଟିତ ହୋଇଥିଲା। ଗଭୀର ବୋରୱେଲରୁ ପାଇପ ଯୋଗେ ପ୍ରକଳ୍ପରୁ ଗ୍ରାମର ପ୍ରଥମ ମୁଣ୍ଡ ଓ ଶେଷ ମୁଣ୍ଡ ଯାଏଁ ପିଇବା ପାଣି ଯାଇଥାଏ। ମାତ୍ର ଉଦଘାଟନର କେତେବର୍ଷ ପରେ ଯୋଗାଣ ପାଇପ ଫାଟି ଯିବାରୁ ଏବେ ଗ୍ରାମବାସୀ ମାନେ ପାଣି ପାଇବାରୁ ବଂଚିତ ହେଉଛନ୍ତି ।କିଛି ଖଳ ପ୍ରକୃତିର ଲୋକ ମଝିରେ ମଝୀରେ ପାଇପ ଗୁଡିକୁ କାଟି ପାକାଇବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କେତେକ ଗ୍ରାମବାସୀଙ୍କ ଠାରୁ ପ୍ରକାଶ। ସେହିଭଳି ପ୍ରକଳ୍ପକୁ ସଂଯୋଗ କରୁଥିବା ବିଦ୍ୟୁତ କେବୁଲ ତାର ମଧ କଟି ଯିବାରୁ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ବନ୍ଦ ରହିଛି। ମଝିରେ ମଝିରେ ବିଭାଗ ପକ୍ଷରୁ ପ୍ରକଳ୍ପର ମରାମତି ହେଉଥିଲେ ସୁଦ୍ଧା ବର୍ଷର ଆଠ ମାସ ଗ୍ରାମବାସୀମାନେ ନିକଟସ୍ଥ ଚଣ୍ଡି ମନ୍ଦିର ଆଖପାଖ ଅଂଚଳରୁ ସାଇକେଲ ଓ ମଟର ସାଇକେଲରେ ପାଣି ନେଇଥାନ୍ତି। ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ବନ୍ଧରେ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Tuesday December 31 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୩୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଟିଭିଏସ ମୋଟର କଂପାନି ପକ୍ଷରୁ ଟିଭିଏସ ଏକ୍ସଏଲ ୧୦୦ କମଫର୍ଟ ଆଇ-ଟଚଷ୍ଟାର୍ଟ ଉନ୍ମୋଚିତ

ଭୁବନେଶ୍ୱର: ଦୁଇ ଚକିଆ ଓ ତିନି ଚକିଆ ଯାନର ଅଗ୍ରଣୀ ନିର୍ମାଣକାରୀ ସଂସ୍ଥା ଟିଭିଏସ ମୋଟର କଂପାନି ପକ୍ଷରୁ ଏହାର ଟିଭିଏସ ଏକ୍ସଏଲ ୧୦୦ କମଫର୍ଟ ଆଇ-ଟଚଷ୍ଟାର୍ଟ ଭାରିଆଂଟର ଉନ୍ମୋଚନ ବିଷୟରେ ଘୋଷଣା କରାଯାଇଛି। ଏହି ଗାଡ଼ିରେ ଉନ୍ନତ ମାନର ଷ୍ଟାଇଲ ଉପକରଣ ଯଥା ଷ୍ଟାଇଲିସ ଓ ଆକର୍ଷଣୀୟ ହେଡଲ୍ୟାଂପ ଫେୟାରିଂ, ଲମ୍ବା ଏବଂ ଆରାମଦାୟକ ଡୁଆଲ ଟୋନ ସିଟ ସହିତ କୁସନ ବ୍ୟାକ ରେଷ୍ଟ, କ୍ରୋମ ଉପକରଣ-କ୍ରୋମ ଲେଗ ଗାର୍ଡ ଓ କ୍ରୋମ ସାଇଲେନସର ଗାର୍ଡ ଏବଂ ସାମ୍ନା ହାଇଡ୍ରଲିକ ସସପେନସନ ବ୍ୟବହାର କରାଯାଇଛି ଯାହା ଗାଡ଼ି ଚଲାଇବା ବେଳେ ଅଧିକ ଆରାମକୁ ନିଶ୍ଚିତ କରିବ। ଏହି ଅବସରରେ ଶ୍ରୀଯୁକ୍ତ ଏସ ବୈଦ୍ୟନାଥନ, ଉପ ସଭାପତି-ୟୁଟିଲିଟି ପ୍ରଡକ୍ଟସ, ଟିଭିଏସ ମୋଟର କଂପାନି କହିଛନ୍ତି ଯେ, ''ଏହି ବର୍ଷଗୁଡ଼ିକରେ, ଟିଭିଏସ ଏକ୍ସଏଲ ବ୍ରାଣ୍ଡ ଗ୍ରାହକ ସନ୍ତୁଷ୍ଟିକୁ ନେଇ ରହିଥିବା ଦର୍ଶନ ଉପରେ ଦଣ୍ଡାୟମାନ ଯାହା ଆମକୁ ୧.୨୫ କୋଟିରୁ ଅଧିକ ସନ୍ତୁଷ୍ଟ ଓ ଖୁସି ଗ୍ରାହକଙ୍କ ମାଇଲଖୁଂଟ ଅତିକ୍ରମ କରିବାରେ ସହାୟକ ହୋଇଛି। ଟିଭିଏସ ଏକ୍ସଏଲ ୧୦୦ କନଫର୍ଟ ଆଇ-ଟଚଷ୍ଟାର୍ଟ ଭାରିଆଂଟର ଉନ୍ମୋଚନ ହେଉଛି ସେହି ଦର୍ଶନକୁ ଆଗକୁ ବଢ଼ାଇବା, ଯାହାର ଲକ୍ଷ୍ୟ ହେଉଛି ଆମର ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲାଗି ନୂଆ ପିଢ଼ିର ସୁବିଧା ସୁଯୋଗ ପ୍ରଦାନ କରିବା, ଏହାର କଂପାକ୍ଟ ଓ ହାଲୁକା ଡିଜାଇନ ସହିତ ସ୍ୱୟଂଚାଳିତ ଗିୟର ଜରିଆରେ ଉତ୍ତମ ଆରାମର ପ୍ରତିଶ୍ରୁତି ପ୍ରଦାନ କରିବା ଏବଂ ବଜାରରେ ଏହାକୁ ଅନ୍ୟତମ ସବୁଠୁ ସୁଲଭ ଦୁଇ ଚକିଆ ଯାନରେ ପରିଣତ କରିବା।'' ଏହା ସହିତ ସେ କହିଛନ୍ତି, 'ଆଜିର ଗାଡ଼ି ଚାଳକଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହେଉଛି ଟ୍ରାଫିକ-ଲମ୍ବା ସମୟ ଯାତ୍ରା କରିବା, ଭିଡ଼ ରାସ୍ତାରେ ଆଗକୁ ଯିବା ପାଇଁ କଷ୍ଟ କରିବା ଏବଂ ଗାଡ଼ିକୁ ପାର୍କ କରିବା ଲାଗି ସୁବିଧା ସ୍ଥାନ ଟିଏ ପାଇବାରେ ସମସ୍ୟା ଦେଖାଦେଉଛି। ବର୍ତ୍ତମାନ କ୍ଷୁଦ୍ର ସହରର ଦୁଇ ଚକିଆ ବ୍ୟବହାରକାରୀମାନେ ମଧ୍ୟ ସମାନ ସମସ୍ୟା ସାମ୍ନା କରୁଛନ୍ତି। ତେଣୁ, ସେମାନେ ଯେଉଁଳି ନିଜର ଦୈନନ୍ଦିନ କାର୍ଯ୍ୟକୁ ପରିଚାଳନା କରିପାରିବେ ଏବଂ ସୁବିଧାରେ ଅନେକ ଥର ଅଳ୍ପ ଦୂରତାର ସ୍ଥାନକୁ ସୁଲଭ ମୂଲ୍ୟରେ ଯାତ୍ରା କରିପାବେ ସେ ଦିଗରେ ସହାୟତା ପ୍ରଦାନ କରିବା ଲାଗି ଟିଭିଏସ ଏହି ସମାଧାନ ଆଣିଦେଇଛି।''

## ଓରିଫ୍ଲେମର ଅପ୍ଟିମାଲ କ୍ଲିୟର ହ୍ୱାଇଟ ରେ ସହ ତ୍ୱଚାରେ ପାଆନ୍ତୁ ପ୍ରାକୃତିକ ଚମକ

ଭୁବନେଶ୍ୱର : ଅଗ୍ରଣୀ ଡାଇରେକ୍ଟ ସେଲିଙ୍ଗ ସ୍ୱେଡିସ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ ଏହାର ନୂତନ ଅପ୍ଟିମାଲ କ୍ଲିୟର ହ୍ୱାଇଟ ରେର ଶୁଭାରମ୍ଭ କରିଛି। ପ୍ରକୃତି ଏବଂ ବିଜ୍ଞାନରେ ସମୃଦ୍ଧ ଅପ୍ଟିମାଲ କ୍ଲିୟର ହ୍ୱାଇଟ ରେର ପ୍ରତ୍ୟେକ ଉତ୍ପାଦ ସ୍ୱତନ୍ତ୍ର ପ୍ରାକୃତିକ ଉପାଦାନରେ ଭରପୂର। ଏହି ରେର ପ୍ରାଥମିକ ଉପାଦାନରେ ରହିଛି ଲିକୋରାଇସ, ଯାହାକି ଏହାର ତ୍ୱଚା ଉଜ୍ଜ୍ୱଳକାରୀ ଗୁଣ ପାଇଁ ଜଣାଶୁଣା। ସିଲଭର ବିର୍ଚ, ମିଡୋସ୍ୱିଟ, ବ୍ଲୁବେରୀ, ରାସ୍ପବେରୀ ଏବଂ ସ୍ୱିଟ ବେରୀ ଭଳି ପ୍ରାକୃତିକ ଉପାଦାନର ସମାହାର ଭାବେ ଏହି ଉତ୍ପାଦ ଗୁଡ଼ିକ ଉଜ୍ଜ୍ୱଳ ଏବଂ ଚମକିତ ତ୍ୱଚା ଯୋଗାଇଥାନ୍ତି। ଏହି ରେରେ ରହିଛି ଚର୍ମତତ୍ତ୍ୱ ବିଶେଷଜ୍ଞଙ୍କ ଦ୍ୱାରା ପରିକ୍ଷୀତ, ଉପଯୋକ୍ତା ପରିକ୍ଷୀତ ଏବଂ ପାରାବିନ ରହିତ ଡେ କ୍ରିମ, ନାଇଟ କ୍ରିମ, ଆଇ କ୍ରିମ, କ୍ଲିନ୍ଜିଙ୍ଗ ଫୋମ ଏବଂ ଟୋନର।

## କିଟ୍ ରଗ୍‌ବୀ ଦଳକୁ ୩ ଚାମ୍ପିଅନ୍ ଟ୍ରଫି




ଭୁବନେଶ୍ୱର: କିଟ୍ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଦଳ (ପୁରୁଷ ଓ ମହିଳା) ତିନୋଟି ଚାମ୍ପିଅନ୍ ଟ୍ରଫି ହାସଲ୍ କରିଛି। ପଞ୍ଜାବର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ମହିଳା ଓ ପୁରୁଷ) ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ଉଭୟ ବାଳକ ଓ ବାଳିକା ଦଳ ଚାମ୍ପିଅନ୍ ଟ୍ରଫି ହାସଲ୍ କରିଛନ୍ତି। ଚାମ୍ପିଅନ୍‌ସିପ୍‌ର ୭ଏସ୍ ବର୍ଗରେ ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ୍ ହୋଇଥିବା ବେଳେ ୧୫ଏସ୍ ବର୍ଗରେ କେବଳ ମହିଳା ଦଳ ଚାମ୍ପିଅନ୍ ହୋଇଛନ୍ତି। ୩୦ ତାରିଖରେ ଖେଳାଯାଇଥିବା ୭ଏସ୍ ରଗ୍‌ବୀ ଫାଇନାଲ୍ ମ୍ୟାଚ୍‌ରେ କିଟ୍ ପୁରୁଷ ରଗ୍‌ବୀ ଦଳ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ୧୦-୭ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିବା ବେଳେ କିଟ୍ ମହିଳା ରଗ୍‌ବୀ ଦଳ ପାଟଳୀପୁତ୍ର ବିଶ୍ୱବିଦ୍ୟାଳୟକୁ ୧୯-୫ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଛି। ସେହିପରି ୧୫ ଏସ୍ ମହିଳା ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ପଟିଆଲା ବିଶ୍ୱବିଦ୍ୟାଳୟକୁ ୨୪-୬ ପଏଣ୍ଟରେ ହରାଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଏହା ସହିତ ଉଭୟ ଦଳ ୨୦୨୦ ଫେବୃଆରୀ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଦଳର ସମସ୍ତ ଖେଳାଳି, କୋଚ୍ ଏବଂ ଅଫିସିଆଲ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗକୁ ଅନୁଷ୍ଠିତ ହେବାକୁ ଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସଫଳତା ହାସଲ୍ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ସାମ୍‌ସଙ୍ଗ ଭାରତରେ ଆର ଏଣ୍ଡ ଡି ସେଂଟର ପାଇଁ ୧୨୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେବା ପାଇଁ ଯୋଜନା କରୁଛି

ଭୁବନେଶ୍ୱର : ସାମ୍‌ସଙ୍ଗ ଭାରତରେ ଏହାର ଆର ଏଣ୍ଡ ଡି ସେଂଟରକୁ ସୁଦୃଢ଼ କରିବା ପାଇଁ ଚଳିତ ବର୍ଷ ଭାରତର ଆଇଆଇଟି ଓ ଶୀର୍ଷ ଇଂଜିନିୟରିଂ କଲେଜରୁ ୧୨୦୦ ଇଂଜିନିୟରଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଯୋଜନା କରୁଛି। କମ୍ପାନୀ ମଧ୍ୟ ନୂତନ ଆଇଆଇଟିରୁ ପ୍ରତିଭାସମ୍ପନ୍ନ ମାନବ ସମ୍ବଳ ଗ୍ରହଣ ପାଇଁ ଲକ୍ଷ୍ୟ ରଖିଛି। ଏହି ଶୀର୍ଷ ଅନୁଷ୍ଠାନରୁ ଦକ୍ଷ ଇଂଜିନିୟରମାନେ ଭବିଷ୍ୟତର ଟେକ୍‌ନୋଲୋଜି ଓ ଡୋମେନ୍ ଯଥା ଆର୍ଟିଫିସିଆଲ୍ ଇଂଟେଲିଜେନ୍‌ସ, ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ, ଇମେଜ୍ ପ୍ରୋସେସିଂ, ମିଡିଲ୍‌ଓୟାର ଡେଭ୍‌ଲପମେଂଟ, କ୍ଲାଉଡ୍ ଆଇଓଟି, ରେକଗନିସନ ସିଷ୍ଟମ, ଡାଟା ଆନାଲିସିସ୍, ଅନ୍ ଡିଭାଇସ୍ ଏଆଇ, ମୋବାଇଲ୍ କମ୍ୟୁନିକେସନ, ନେଟ୍‌ୱାର୍କ, ଇମେଜିଂ, ଭଏସ୍, ଭିଏଲ୍‌ଏସ୍‌ଆଇ ଓ ୟୁଆଇ/ୟୁଏକ୍ସ ରେ କାର୍ଯ୍ୟ କରିବେ। ଡିସେମ୍ବର ୧ ରୁ ଆରମ୍ଭ କରାଯାଇ, ବେଙ୍ଗାଲୁରୁ, ନୋଏଡା ଓ ଦିଲ୍ଲୀରେ ଥିବା ତିନୋଟି ଆର ଏଣ୍ଡ ଡି ସେଂଟର ଦିଲ୍ଲୀ, କାନ୍‌ପୁର, ମୁମ୍ବାଇ, ମାଡ୍ରାସ୍, ଗୌହାଟି, ଖଡ଼ଗପୁର, ବିଏଚ୍‌ୟୁ, ରୁର୍‌କି, ପଲକଡ୍, ତିରୁପତି, ଇନ୍ଦୋର, ଗାନ୍ଧିନଗର, ପାଟନା, ଭୁବନେଶ୍ୱର, ମଣ୍ଡି ଓ ଯୋଧପୁର ରେ ଥିବା ଆଇଆଇଟି କ୍ୟାମ୍ପସକୁ ପରିଦର୍ଶନ କରିବେ। ଏହି ତାଲିକାରେ ଆଇଆଇଟି ଭିଲାଇର ନୂତନ ସଂସ୍କରଣକୁ ମଧ୍ୟ ସାମିଲ୍ କରାଯାଇଛି। ସାମ୍‌ସଙ୍ଗ ଅନେକ ଷ୍ଟ୍ରିମରୁ ଛାତ୍ରମାନଙ୍କୁ ନିଯୁକ୍ତି ପ୍ରଦାନ କରିବ ଯେଉଁଥିରେ ରହିଛି କମ୍ପ୍ୟୁଟର ସାଇନ୍‌ସ, ଇଲେକ୍‌ଟ୍ରୋନିକ୍‌ସ ଓ କମ୍ୟୁନିକେସନ, ଇଲେକ୍‌ଟ୍ରିକାଲ୍ ଇଂଜିନିୟରିଂ, ମ୍ୟାଥମେଟିକ୍‌ସ ଓ କମ୍ପ୍ୟୁଟିଂ, ଇନ୍‌ଷ୍ଟ୍ରୁମେଂଟେସନ ଏଣ୍ଡ ଇନ୍‌ଫରମେଂଟେସନ ଟେକ୍‌ନୋଲୋଜି ଯାହାଦ୍ୱାରା ଅଧିକ ନୂତନ ସମାଧାନର ବିକାଶ କରାଯାଇପାରିବ ଓ ଲୋକମାନଙ୍କୁ ଅଧିକ ସୁବିଧା ସୁଯୋଗ ମିଳିପାରିବ। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆ ପକ୍ଷରୁ ଏହାର ମାନବ ସମ୍ବଳ ମୁଖ୍ୟ, ସମୀର ୱାଧୱାନ କହିଛଁ ଯେ, 'ଆଜି, ସାମ୍‌ସଙ୍ଗର ଇଣ୍ଡିଆ ଆର ଏଣ୍ଡ ଡି ସେଂଟର ଉଭୟ ସ୍ଥାନୀୟ ଓ ବିଶ୍ୱ ଉଭୟ କ୍ଷେତ୍ରରେ ନୂତନତାକୁ ଆଗେଇ ନେଉଛି, ତଥା ଆମର ଦକ୍ଷ ଇଂଜିନିୟରମାନଙ୍କୁ ସେମାନଙ୍କର ଉତ୍କର୍ଷତା ପ୍ରତିପାଦନ କରିବା ନିମର୍ତ୍ତେ ଉପଯୁକ୍ତ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ଚଳିତ ବର୍ଷ, ଆମେ ୧,୨୦୦ ଇଂଜିନିୟରଙ୍କୁ ନେବା ପାଇଁ ଯୋଜନା କରୁଛୁ ଓ ଏବେ ସୁଦ୍ଧା ଆଇଆଇଟି ଓ ଟପ୍ ଅନୁଷ୍ଠାନରେ ଇଂଜିନିୟରମାନଙ୍କୁ ୩୪୦ ଟି ପିପିଓ ପ୍ରଦାନ କରିସାରିଛୁ।' ଆଇଆଇଟି ବ୍ୟତୀତ, ସାମ୍‌ସଙ୍ଗ ମଧ୍ୟ ଅନ୍ୟାନ୍ୟ ଶୀର୍ଷ ଇଂଜିନିୟରିଂ କଲେଜ୍ ଯଥା ବିଟ୍‌ସ ପିଲାନି, ଆଇଆଇଟି, ଏନ୍‌ଆଇଟି, ଦିଲ୍ଲୀ ଟେକ୍‌ନୋଲୋଜିକାଲ୍ ୟୁନିଭର୍ସିଟି, ମନିପାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, ଆଇଆଇଏସ୍‌ସି ବାଙ୍ଗାଲୋରରୁ ମଧ୍ୟ ଦକ୍ଷ ଇଂଜିନିୟରମାନଙ୍କୁ ନିଯୁକ୍ତି ପ୍ରଦାନ କରିବ।

## ସାଓମିର ଅନଲାଇନ୍ ଋଣ ସମାଧାନ ଏମଆଇ କ୍ରେଡିଟ

ଭୁବନେଶ୍ୱର: ଭାରତର ନମ୍ବର ୱାନ୍ ସ୍ମାର୍ଟଫୋନ୍ ଓ ସ୍ମାର୍ଟ ଟିଭି ବ୍ରାଣ୍ଡ ସାଓମି ପକ୍ଷରୁ ଏହାର ଡିଜିଟାଲ ଋଣ ସମାଧାନ ଏମଆଇ କ୍ରେଡିଟ୍‌ର ଘୋଷଣା କରାଯାଇଛି। ଏମଆଇ କ୍ରେଡିଟ୍ ହେଉଛି ଭାରତରେ ଏମଆଇ ପେ' ପରେ ଆସିଥିବା ସାଓମିର ଦ୍ୱିତୀୟ ଏମଆଇ ଫାଇନାନ୍ସ ସମାଧାନ। ଏମଆଇ କ୍ରେଡିଟ୍ ହେଉଛି ଏମଆଇ ପ୍ରଶଂସକମାନଙ୍କୁ ବ୍ୟକ୍ତିଗତ ଋଣ ପ୍ରଦାନ କରିବା ପାଇଁ ଏକ ସର୍ବଶ୍ରେଷ୍ଠ ଅନ୍‌ଲାଇନ୍ ମାର୍କେଟ୍‌ପ୍ଲେସ୍। ଚଳିତବର୍ଷ ନଭେମ୍ବର ୧୯ ତାରିଖରେ ସାଓମି ପାଇଲଟ ପ୍ରକଳ୍ପରେ ପ୍ରାୟ ୨୮ କୋଟି ଟଙ୍କାର(ଦିନ ପିଛା ୧କୋଟି) ବ୍ୟକ୍ତିଗତ ଋଣ ବଣ୍ଟନ କରିଛି। ଏହାର ବର୍ତ୍ତମାନର ଋଣ ପ୍ରଦାନକାରୀ ସହଭାଗୀମାନେ ହେଉଛନ୍ତି ଏନ୍‌ବିଏଫ୍‌ସି କିମ୍ବା ଫିନ୍‌ଟେକ୍ ଯେପରିକି ଆଦିତ୍ୟ ବିର୍‌ଲା ଫାଇନାନ୍ସ ଲିମିଟେଡ୍, ମନି ଭ୍ୟୁ, ଇୟର୍ଲିସାଲାରୀ, ଜେଷ୍ଟମନି ଓ କ୍ରେଡିଟ୍‌ବିଦ୍ୟା। ଏହାକୁ ଇଚ୍ଛୁକ ଯୁବ ପେସାଦାର ଓ ଯୁବପୀଢ଼ୀମାନଙ୍କ ପାଇଁ ପ୍ରଥମ ବ୍ୟକ୍ତିଗତ ଲୋନ୍ ପସନ୍ଦ ଭାବେ ପ୍ରସ୍ତୁତ କରାଯାଇଛି। ଏମଆଇ କ୍ରେଡିଟ୍ ୧୦୦% ଡିଜିଟାଲ ଅଭିଜ୍ଞତା ସହ ପାରମ୍ପରିକ ଋଣ ଉଦ୍ୟୋଗ ସହ ଜଡ଼ିତ ଅଧିକାଂଶ ସମସ୍ୟାକୁ ସମାଧାନ କରିଥାଏ।

## ଓରିଫ୍ଲେମ୍‌ର ଜିଓର୍ଡାନି ଗୋଲ୍ଡ ମାଷ୍ଟରକ୍ରିଏସନ ଲିପ୍‌ଷ୍ଟିକ୍ ଓ ଫାଉଣ୍ଡେସନର ଶୁଭାରମ୍ଭ

ଭୁବନେଶ୍ୱର: ସ୍ୱିଡେନର ପ୍ରମୁଖ ପ୍ରତ୍ୟକ୍ଷ-ବିକ୍ରି ବିୟୁଟି ବ୍ରାଣ୍ଡ ଓରିଫ୍ଲେମ୍ ପକ୍ଷରୁ ଏହାର ସ୍ୱତନ୍ତ୍ର ଜିଓର୍ଡାନି ଗୋଲ୍ଡ ବ୍ରାଣ୍ଡର ଅଂଶ ଭାବେ ଏହାର ମାଷ୍ଟରକ୍ରିଏସନ ବର୍ଗକୁ ଶୁଭାରମ୍ଭ କରାଯାଇଛି ଯେଉଁଥିରେ ଲିପ୍‌ଷ୍ଟିକ୍ ଓ ଫାଉଣ୍ଡେସନ ସାମିଲ ରହିଛି। ଇଟାଲୀର ଭବ୍ୟ ଜୀବନଶୈଳୀରେ ଅନୁପ୍ରାଣିତ ହୋଇ ଜିଓର୍ଡାନି ଗୋଲ୍ଡର ମାଷ୍ଟରକ୍ରିଏସନ ବର୍ଗରେ ଏଭଳି ଉତ୍ପାଦ ଗୁଡ଼ିକୁ ସାମିଲ କରାଯାଇଛି ଯାହାକି ଏକ ସମୃଦ୍ଧ, ଭବ୍ୟ ଓ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ କରୁଛି। ଏହି ମାଷ୍ଟରକ୍ରିଏସନ ଲିପ୍‌ଷ୍ଟିକ୍ ୮ଟି ରିଚ୍ ଓ ଭାଇବ୍ରାଂଟ୍ ସେଡ୍‌ରେ ଉପଲବ୍ଧ ହେଉଥିବା ବେଳେ ଏହି ଲିପ୍‌ଷ୍ଟିକ୍ ଗୁଡିକରେ ଏକ କ୍ରିମି ଟେକ୍ସଚର୍ ରହିଛି ଯାହା ଆକର୍ଷଣୀୟ ଲୁକ୍ ପ୍ରଦାନ କରିଥାଏ। ୟୁଥ୍-ବୁଷ୍ଟିଙ୍ଗ୍ ଟେକ୍ନୋଲୋଜି ସହ ସଂଯୋଗ ହେବା ସହ ଏହାର ସକ୍ରିୟ ଉପାଦାନ ଗୁଡିକ ଓଠକୁ ହାଇଡ୍ରେଟ୍ କରିବା ସହ ଓଠରେ ବୟସ ବୃଦ୍ଧିର ସଙ୍କେତକୁ ସଠିକ୍ କରିଥାଏ। ଏହି ଉପଭୋକ୍ତା-ପରୀକ୍ଷଣ ଫର୍ମୁଲାରେ ଅଙ୍ଗୁରରୁ ବାହାର କରାଯାଇଥିବା ବୋଟାନିକାଲ ଅଏଲ୍ ସେରମ ରହିଛି। ଭିଟାମିନ୍ ଇରେ ଭରପୂର ଥିବା ଏହି ସେରମ ଓଠକୁ ହାଇଡ୍ରେଟ୍ କରିବା ସହ ପୋଷଣ ପ୍ରଦାନ କରିଥାଏ। ସେହିପରି ମାଷ୍ଟରକ୍ରିଏସନର ସ୍ୱତନ୍ତ୍ର ଫାଉଣ୍ଡେସନ ୪ଟି ସେଡ୍‌ରେ ଉପଲବ୍ଧ ହେଉଥିବା ବେଳେ ଏହା ଚିକିତ୍ସକୀୟ ଭାବେ ମୁହଁରେ ଫାଇନ୍ ଲାଇନ୍‌କୁ ଲୁଚାଇବା ସହ ତ୍ୱଚାକୁ ୫ ଗୁଣ ଅଧିକ ଉଜ୍ଜ୍ୱଳ ଦେଖାଇଥାଏ। ଏହା ମୁହଁରେ ବଢୁଥିବା ବୟସର ୮ଟି ଲକ୍ଷଣକୁ ଲୁଚାଇବା ସହ ତ୍ୱଚାକୁ ଅଧିକ ସ୍ମୁଥ୍, ଇଭେନ୍ ଓ ହାଇଡ୍ରେଟ୍ କରିଥାଏ। ଏଥିରେ ଏସ୍‌ପିଏଫ୍ ୧୮ ରହିଛି ଯାହା ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଆକର୍ଷଣୀୟ ଲୁକ୍ ପ୍ରଦାନ କରିଥାଏ। ୧୯୭୬ରେ ଫ୍ରାଗ୍ରାନ୍ସର ଏକ ଶୃଙ୍ଖଳା ଭାବେ ଆରମ୍ଭ ହୋଇଥିବା ଜିଓର୍ଡାନି ଗୋଲ୍ଡ ପରବର୍ତ୍ତୀ ସମୟରେ ଇଟାଲୀର ଫ୍ୟାସନ ଓ ଭବ୍ୟ ଜୀବନଶୈଳୀରେ ଅନୁପ୍ରାଣିତ ହୋଇଥିଲା। ଏହା ଏବେ ବି ସମାନ କ୍ଲାସିକ୍, ଲକ୍‌ଜୁରିଅସ୍ ଉତ୍ପାଦ ବଜାରକୁ ଛାଡୁଛି। ଏହାର ମାଷ୍ଟରକ୍ରିଏସନ ଲିପ୍‌ଷ୍ଟିକ୍ ଓ ଫାଉଣ୍ଡେସନ ଜିଓର୍ଡାନି ଗୋଲ୍ଡର ଗୌରବକୁ ସେଲିବ୍ରେଟ୍ କରିବା ସହ ଏକ ମହାନ ବ୍ରାଣ୍ଡ ଭାବେ ନିଜର ସ୍ଥିତିକୁ ଅଧିକ ମଜବୁତ କରୁଛି।

## ଅକଶରା ସେଣ୍ଟର ପକ୍ଷରୁ 'ବିଗ୍ ସ୍ମଲ୍ ଷ୍ଟେପ୍‌ସ' ରିପୋର୍ଟ ଉନ୍ମୋଚିତ




ଭୁବନେଶ୍ୱର: ଅକଶରା ସେଣ୍ଟର ପକ୍ଷରୁ ଏହାର ରିପୋର୍ଟ 'ବିଗ୍ ସ୍ମଲ୍ ଷ୍ଟେପ୍‌ସ'ର ଉନ୍ମୋଚନ କରାଯାଇଛି; ଯାହାକି ସହରର ଯୁବପିଢ଼ୀ, ପରିବର୍ତ୍ତନର ନିର୍ମାତା ଓ ଭବିଷ୍ୟତ ପିଢୀ ମାନଙ୍କ ମଧ୍ୟରେ ଲିଙ୍ଗଗତ ସମାନତା ଓ ଲିଙ୍ଗଗତ ବିଶ୍ୱାସକୁ ନେଇ ରହିଥିବା ଗ୍ରହଣୀୟତାକୁ ଆକଳନ କରିଛି। ବର୍ତ୍ତମାନ ପିଢୀର ଯୁବବର୍ଗ ଲିଙ୍ଗଗତ ସମାନତାକୁ କିଭଳି ବୁଝିଛନ୍ତି ଏବଂ ସେମାନେ ପାରମ୍ପରିକ ସାମାଜିକ ନୀତିନିୟମଠାରୁ କେତେ ଦୂରକୁ ଚାଲିଯାଇଛଁ ତାହା ବୁଝିବା ଏହି ରିପୋର୍ଟର ମୁଖ୍ୟ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଅକଶରା ସେଣ୍ଟର ଭାରତର ୮ଟି ରାଜ୍ୟରେ ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ୩୩୬୪ ଜଣ ପୁରୁଷ ଓ ୩୦୬୪ ଜଣ ମହିଳାଙ୍କୁ ନେଇ ଏକ ସର୍ଭେ କରିଥିଲା। ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ ଓ କଲିକତା ଭଳି ୪ଟି ମେଟ୍ରୋ ସହର ଏବଂ ବିଜୟୱାଡ଼ା, ଲୁଧିଆନା, ଅହମ୍ମଦାବାଦ ଓ ଭୁବନେଶ୍ୱର ଆଦି ୪ଟି ସହରରେ ଏହି ସର୍ଭେ କରାଯାଇଥିଲା। ଏହି ସର୍ଭେ ରିପୋର୍ଟ ଯେଉଁଥିରେ ଯୁବପୀଢ଼ୀଙ୍କ ମଧ୍ୟରେ ଲିଙ୍ଗଗତ ସମାନତାକୁ ନେଇ ରହିଥିବା ଦୃଷ୍ଟିକୋଣର କିଛି ପ୍ରମୁଖ ଅଂଶ ନିମ୍ନରେ ଉଲ୍ଲେଖ କରାଯାଇଛି। ଅଧିକାଂଶ ଯୁବପିଢୀ ସାମାଜିକ ଭାବେ ପ୍ରଗତିଶୀଳ ଥିଲେ ଏବଂ ସେମାନେ ପାରମ୍ପରିକ ଚିଂାଧାରା ତଥା ସାମାଜିକ ନୀତିନିୟମକୁ ଖାରଜ କରିଥିଲେ। ସେମାନେ (୫୮.୭% ପୁରୁଷ ଓ ୭୮.୭% ମହିଳା) ମନ୍ଦିର ଓ ମସ୍‌ଜିଦ ଗୁଡିକର ଭିତର ଅଂଶ ବା ପବିତ୍ର ସ୍ଥାନରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ନମିଳିବା ନେଇ ରହିଥିବା ସାମାଜିକ ପ୍ରଥାକୁ ବିରୋଧ କରିଥିଲେ। ଏଥିସହିତ ମାସିକ ଋତୁଚକ୍ର ସମୟରେ ମହିଳାମାନେ ଘରେ ରୋଷେଇ କରିବା ଉଚିତ ନୁହେଁ ବୋଲି ରହିଥିବା ସାମାଜିକ ପ୍ରଥାକୁ ମଧ୍ୟ ଗ୍ରହଣ କରିନଥିଲେ। ଏହି ରିପୋର୍ଟ ଉନ୍ମୋଚନ ସମାରୋହକୁ ଅଭିନେତା ରାହୁଲ ବୋଷ ଲିଙ୍ଗଗତ ସମାନତା ଉପରେ ନିଜର ମତ ପ୍ରକାଶ କରି ଆରମ୍ଭ କରିଥିଲେ। ଏହାସହିତ ଷ୍ଟାଣ୍ଡଅପ୍ କମେଡିଆନ୍ ଜ୍ୟାକି ଠକ୍କର, କାଜୋଲ୍ ଶ୍ରୀନିବାସନ ଓ ପୁଜା ରାମଚନ୍ଦ୍ରନ ରିପୋର୍ଟ ସହ ଜଡିତ କିଛି କଠୋର ସତ୍ୟକୁ ଅଣପାରମ୍ପରିକ ଉପାୟରେ ପ୍ରକାଶ କରିଥିଲେ। ଉକ୍ତ ସନ୍ଧ୍ୟାରେ ଦର୍ଶକମାନେ ଲିଙ୍ଗଗତ ବିଶ୍ୱାସ ସମ୍ପର୍କରେ ଅତିଥିମାନଙ୍କର ଅଣଔପଚାରିକ ଦୃଷ୍ଟିକୋଣକୁ ଦେଖିବାକୁ ପାଇଥିଲେ। ଏହାପରେ ଦେଶରେ ଲିଙ୍ଗଗତ ଭେଦଭାବର ସ୍ତରରେ ପରିବର୍ତ୍ତନ ଆଣିବାରେ ଯୁବପୀଢ଼ୀଙ୍କ ଯୋଗଦାନ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

## ଆଇସିଆଇସିଆଇ ପ୍ରୁଆଇପ୍ରୋଟେକ୍ଟ ସ୍ମାର୍ଟ ଏବେ ପେଟିଏମ୍‌ରେ ଉପଲବ୍ଧ

ଭୁବନେଶ୍ୱର: ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍ ଲାଇଫ୍ ଇନିସ୍ୟୁରାନ୍ସ ପକ୍ଷରୁ ଏହାର ପ୍ରୋଟେକ୍ସନ ଉତ୍ପାଦ-ପ୍ରୁଆଇ ପ୍ରୋଟେକ୍ଟ ସ୍ମାର୍ଟର ବିତରଣ ଏବଂ ସୁରକ୍ଷା ପାଇଁ ୪୦୦ ନିୟୁତରୁ ଅଧିକ ବ୍ୟବହାରକାରୀ ଥିବା ଦେଶର ବୃହତ୍ ମୋବାଇଲ୍ ପେମେଣ୍ଟ ସଲ୍ୟୁସନ ପ୍ରଦାନକାରୀ କମ୍ପାନୀ ପେଟିଏମ୍ ସହିତ ଚୁକ୍ତି କରିଛି। ଏହି ଦୁଇ ସଂସ୍ଥା ଡିଜିଟାଲ ପ୍ଲାଟଫର୍ମରେ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲର ଫ୍ଲାଗଶିପ୍ ପ୍ରୋଟେକ୍ସନ୍ ଉତ୍ପାଦ ପେଟିଏମ୍ ଆପ ଦ୍ୱାରା ଉପଲବ୍ଧ କରାଇବେ। କେୱାଇସି ସମ୍ପୂର୍ଣ୍ଣ କରିସାରିଥିବା ପେଟିଏମ୍ ବ୍ୟବହାରକାରୀ ଏହି ପେପରଲେସ୍ ଅନ୍-ବୋର୍ଡିଂ ଅଭିଜ୍ଞତା ହାସଲ କରିବା ସହିତ କେଇ ମିନିଟ୍ ମଧ୍ୟରେ ଏହି ଉତ୍ପାଦର ଇନ୍-ଆପ୍ କ୍ରୟ କରିପାରିବେ। ଏହି ଅବସରରେ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍ ଲାଇଫ୍ ଇନସ୍ୟୁରାନ୍ସର ସହକାରୀ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପୁନିତ୍ ନନ୍ଦ, କହିଲେ, 'ଦେଶର ବୃହତ୍ ମୋବାଇଲ୍ ପେମେଣ୍ଟ ସଲ୍ୟୁସନ ପ୍ରଦାନକାରୀ ପେଟିଏମ୍ ସହିତ ମିଳିତ ହୋଇଥିବାରୁ ଆମେ ବେଶ୍ ଆନନ୍ଦିତ। ଏହି ଦୁଇ ସଂସ୍ଥା ଗ୍ରାହକ ସେବାକୁ ଗୁରୁତ୍ୱ ପ୍ରଦାନ କରିବେ। ଟର୍ମ ଇନସ୍ୟୁରାନ୍ସ ଗ୍ରାହକଙ୍କ ପୋର୍ଟଫୋଲିଓ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଏଣିକି ପେଟିଏମ୍ ଗ୍ରାହକ ସହଜରେ ଜୀବନ ବୀମା ଉତ୍ପାଦ ସେମାନଙ୍କର ପରିବାରର ସୁରକ୍ଷା ପାଇଁ କିଣିବା ସହିତ ଆର୍ଥିକ ସୁରକ୍ଷା ଉପଲବ୍ଧି କରିପାରିବେ। ବିକଶିତ ଜ୍ଞାନକୌଶଳ ଆଧାରରେ ଆମେ ଜୀବନବୀମା ଉତ୍ପାଦ କ୍ରୟକୁ ଅଧିକ ସହଜ ଓ ସରଳ କରିବାର ଉଦ୍ୟମ କରୁଛୁ। ଏହି ଚୁକ୍ତି ଦ୍ୱାରା ଏସବୁ ସମ୍ଭବ ହୋଇପାରିବ।' ଏହି ଅବସରରେ ପେଟିଏମ୍ ସଭାପତି ଅମିତ୍ ନାୟାର କହିଲେ, 'ସମସ୍ତ ଭାରତୀୟଙ୍କୁ ଡିଜିଜାଲ କାରବାର କ୍ଷେତ୍ରରେ ସୁରକ୍ଷିତ ଏବଂ ସଶକ୍ତ କରିବା ପାଇଁ ଆମେ ପ୍ରୟାସ ଜାରି ରଖିଛୁ। ଏବେ ଆମେ ଅନନ୍ୟ କଷ୍ଟମାଇଜ୍ ଇନସ୍ୟୁରାନ୍ସ ସଲ୍ୟୁସନ ଆମର ଅସଂଖ୍ୟ ଗ୍ରାହକଙ୍କୁ ଚିଂାମୁକ୍ତ ଭାବେ ଯୋଗାଇଦେବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛୁ। ଏହି ମର୍ମରେ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍ ଲାଇଫ ସହିତ ମିଳିତ ହୋଇ ପ୍ରୋଟେକ୍ସନ୍ ଉତ୍ପାଦ କ୍ରୟ କରିବା ସୁବିଧା ଯୋଗାଇ ଦେବାରେ ଆମର ଗ୍ରାହକଙ୍କୁ ସହାୟତା ପ୍ରଦାନ କରିବୁ। ଗ୍ରାହକ ସେମାନଙ୍କର ଆବଶ୍ୟକତା ଅନୁସାରେ ପଲିସି ପେଟିଏମ୍ ମାଧ୍ୟମରେ ସହଜରେ କରିପାରିବେ।'

## ୨୦୦୦ ମସିହା ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ ଉତ୍ସବ: ବନ୍ଧୁ ମିଳନ ଉତ୍ସବରେ ଗୁରୁ-ଶିଷ୍ୟ ପରମ୍ପରା ପ୍ରତିଫଳିତ



ଭୁବନେଶ୍ୱର: ଆ ଭେଟିବା ଗୁରୁଙ୍କୁ। ସମସ୍ତେ ଏକାଠି ବସି ଖାଇବା। ପୁରୁଣା ଦିନର କଥା ବାଣ୍ଟିବା ପରସ୍ପର। ମନେପକାଇବା ହଜି ଯାଇଥିବା ସେଇ ପୁରୁଣା ଦିନ ଏବଂ ଶେଷରେ ସ୍ମୃତ ସାଉଁଟି ପୁଣି ଭେଟିବାର ପ୍ରତିଶ୍ରୁତି ଦେଇ ଫେରିବା। ଏଭଳି ଭାବନାକୁ ନେଇ ଖୋର୍ଦ୍ଧା ବ୍ଲକ୍ ନରଶଗଡ଼ସ୍ଥିତ ଚିନ୍ତାମଣି ବିଦ୍ୟା ନିକେତନର ୨୦୦୦ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳିନ ଉତ୍ସବ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସହପାଠୀ ଓ ସହପାଠିନୀମାନେ ଏକାଠି ହୋଇ ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ୍‌ର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ଚିନ୍ତାମଣି ପାଇକରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଅତିଥି ଭାବେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର ପ୍ରଭାସ କୁମାର ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଦିବଂଗତ ସହପାଠୀ ସ୍ୱର୍ଗତ ପ୍ରଶାନ୍ତ ଦାସଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରଛାତ୍ରୀମାନେ ଗୁରୁ ପୂଜନ କରିବା ପରେ ଶିକ୍ଷକମାନେ ପୁରୁଣା ଦିନର ସ୍କୁଲ୍ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆସନ୍ତା ନବବର୍ଷ ୨୦୨୦ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏକାଠି ହୋଇଥିବା ବନ୍ଧୁମାନେ ମଧ୍ୟ ସେମାନଙ୍କ ବର୍ତ୍ତମାନର ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ୍ ପରିସରରେ ଏକ ପ୍ରକାର ଆନନ୍ଦ ଉଲ୍ଲାସର ପରିବେଶ ସୃଷ୍ଟି ହୋଇଥିଲା। ନିଜର ପୁରାତନ ବନ୍ଧୁମାନଙ୍କୁ ପାଖରେ ପାଇ ସମସ୍ତେ ନିଜ ନିଜର ସୁଖଦୁଃଖ ଆଦାନପ୍ରଦାନ କରିବା ସହ ବହୁତ ମଜାମସ୍ତି କରିଥିଲେ। ସ୍କୁଲ୍ ପରିସରରେ କ୍ରିକେଟ୍ ମ୍ୟାଚ୍, ମ୍ୟୁଜିକ୍ ଚେୟାର ଏବଂ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସୁଧାଂଶୁ ରଞ୍ଜନ ପାଲଟାସିଂହ, ସନାତନ ବେହେରା, ବଳରାମ ହରିଚନ୍ଦନ, ସୁନୀଲ ବେହେରା, ପ୍ରଭାସ ରାଉତରାୟ, ବିଘ୍ନରାଜ ସାମନ୍ତରାୟ, ସୁମନ୍ତ ଛୁଆଳସିଂହ, ସୁରେଶ କୁମାର ପ୍ରଧାନ, ରତ୍ନାକର ଶିକାରୀ, ପ୍ରକାଶ କୋଦମାସିଂହ ପ୍ରମୁଖ ପରିଚାଳନା କରିବା ସହ ଏହି ଉତ୍ସବରେ ସୁବ୍ରତ ପଟ୍ଟନାୟକ, ଧନେଶ୍ୱର ସାହୁ, ସନ୍ତୋଷ ବେହେରା, ବିନୋଦ ଧାନ୍ଧା, ପରେଶ ପାଇକରାୟ, ସରୋଜ ନନ୍ଦ, ନିରଞ୍ଜନ ବେହେରା, ପରେଶ ପାଇକରାୟ, ରାମ୍ମୀ ହରିଚନ୍ଦନ, ରାଜେଶ ଜେନା, ଆଲୋକ ରାୟ, ହାପି ବଳିୟାରସିଂହ, ଆଶାଦୀପ ରଣସିଂହ, ପ୍ରିୟରଞ୍ଜନ ବଳବନ୍ତରାୟ, ଶ୍ରଦ୍ଧାଞ୍ଜଳି ବଳିୟାରସିଂହ, ଲିତାଞ୍ଜଳି ମିଶ୍ର, ମାମତା ରାଉତରାୟ, ଶାନ୍ତିଲତା ରଣସିଂହ, ସୁଭଦ୍ରା ରଣସିଂହ, ଉର୍ବସୀ ସାହୁ, ଚଞ୍ଚଳି ସାହୁ, ସଂଘମିତ୍ରା ରାଉତରାୟ, ସୋନାଲି ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ଏଭଳି ବନ୍ଧୁମିଳନ ଉତ୍ସବ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ୍ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଶେଷରେ ପରସ୍ପରଠାରୁ ବିଦାୟ ନେଉଥିବା ବେଳେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

## ଆମାଜନ ଓରିଜିନାଲ ସିରିଜ ଇନସାଇଡ ଏଜ ସିଜିନ୨ ସହଯୋଗ ରେ ଭିଭୋ ଲଂଚ କରିବ ଭି-୧୭ ସ୍ମାର୍ଟଫୋନ

ଭୁବନେଶ୍ୱର : ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଏହାର ନୂତନ ସ୍ମାର୍ଟଫୋନ ଭି-୧୭ ଲଂଚ ପାଇଁ ଆମାଜନ ଓରିଜିନାଲ ଇନସାଇଡ ଏଜ ସହ ସହବନ୍ଧନ ଘୋଷଣା କରାଯାଇଛି । ଏହି ସହବନ୍ଧନ ଅନୁସାରେ ଇନସାଇଡ ଏଜ ସିଜିନ-୨ ର କଳାକାର ମାନେ ପରସ୍ପର ସହ ଲଢୁଥିବା ଏକ ଭିଡିଓରେ ଦେଖାଦେବେ । ଏଥିରେ ଦୁଇ ପୁରାତନ ପ୍ରତିଦ୍ୱନ୍ଦି ମୁମ୍ବାଇ ମାଭରିକ ଓ ହରିଆଣା ହୁରିକେନ ନୂଆ ଅବତାର ରେ ପ୍ରଦର୍ଶିତ ହେବେ । ଏହାଛଡା ଦର୍ଶକ ମାନେ ଇନସାଇଡ ଏଜ ସିଜିନ-୨ ର କଳାକାର ମାନଙ୍କୁ ନେଇ ମଜାଦାର ଭିଡିଓ ଦେଖିପାରିବେ। ଏହି ସହବନ୍ଧନ ଉପରେ ମ'ନ୍ତବ୍ୟ ଦେଇ ଭିଭୋ ଇଣ୍ଡିଆର ବ୍ରାଣ୍ଡ୍ ଷ୍ଟାର୍ଟେଜି ନିର୍ଦ୍ଦେଶକ ନିପୁନ ମାରୟା କହିଛଁ, 'ଆମାଜନ ପ୍ରାଇମ ଭିଡିଓ ସହିତ ଆମର ସହଭାଗୀତା ନେଇ ଆମେ ଖୁବ ଉତ୍ସାହିତ। ଆମାଜନ ଓରିଜିନାଲ ସିରିଜ ଇନସାଇଡ ଏଜ ର ଦ୍ୱିତୀୟ ସଂସ୍କରଣ ସାରା ଦେଶରେ ଦର୍ଶକ ମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା । ଏଥିରେ ଭିଭୋ ଭି-୧୭ ଲଂଚ ଏକ ଆଦର୍ଶ ଉଦାହରଣ ହୋଇପାରିବ ।'ଆମାଜନ ପ୍ରାଇମ ଭିଡିଓ ଇଣ୍ଡିଆର ନିର୍ଦ୍ଦେଶକ ଗୌରବ ଗାନ୍ଧୀ କହିଛଁ, 'ଭାରତ ଏକ ମୋବାଇଲ ପ୍ରଥମ ଦେଶ । ଆମର ଗ୍ରାହକ ମାନେ ନିଜର ସ୍ମାର୍ଟଫୋନ ରେ ଆମାଜନ ପ୍ରାଇମ ଭିଡିଓ ରେ ମନୋରନ ଉପଭୋଗ କରିଥାଁ। ଆମର ମନୋରନ ଭିତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆମେ ଅଭିନବ ଉପାୟରେ ଏହାକୁ ଦର୍ଶକ ମାନଙ୍କ ପାଖରେ ପାହଂଚାଇବାକୁ ଚେଷ୍ଟା କରିଥାଉ। ଭାରତର ବିଶ୍ୱସନୀୟ ବ୍ରାଣ୍ଡ ସହଭାଗୀତା ରେ ଆମାଜନ ଓରିଜିନାଲ ସିରିଜ ଇନସାଇଡ ଏଜ ଏହାର ଏକ ଉତ୍କୃଷ୍ଟ ନିଦର୍ଶନ।'ଭିଭୋ ଅଭିନବ ସ୍ମାର୍ଟଫୋନ ପାଇଁ ଖୁବ ଜଣାଶୁଣା। ଏହାର ଆସ'। ମଡେଲ ଭି-୧୭ ରେ ଆଇ ଭିୟୁ ଡିସପ୍ଲେ ଓ ସୁପର ନାଇଟ କ୍ୟାମେରା ସହ ଉପଲବ୍ଧ ହେବା


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray